## ସଂକ୍ଷେପରେ

### ୨୯ରୁ ଔପଦା ମହୋତ୍ସବ

**ଔପଦା, ୨୪।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ହାଇସ୍କୁଲ ପଡ଼ିଆରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ୨୯ରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଔପଦା ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏନେଇ ଗୁରୁବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ପରେ ମହୋତ୍ସବ କମିଟି ସଭାପତି ଅଶୋକ କୁମାର ପ୍ରଧାନ ଓ ସଂଯୋଜକ ଦେବାନନ୍ଦ ଦାସ ଏକ ଖବରଦାତା ସମ୍ମିଳନୀ କରି ଔପଦା ମହୋତ୍ସବ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୬ଜଣ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯିବା ସହ ନୃତ୍ୟସଙ୍ଗୀତ, ଅଭିନୟ ଆଦିରେ କ୍ଷେତ୍ରରେ ରୁଚି ରଖିଥିବା ସଫଳ କଳାକାରମାନଙ୍କୁ ମଞ୍ଚରେ ପରିବେଷଣ ପାଇଁ ସୁଯୋଗ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ମହୋତ୍ସବରେ ଔପଦା ଅଞ୍ଚଳର କ୍ଷୁଦ୍ର କୁଟୀର ଶିଳ୍ପ, ଷ୍ଟଲମାନଙ୍କୁ ପ୍ରାଧାନ୍ୟ ଦିଆଯିବ। ମନୋରଞ୍ଜନ ପାଇଁ ଓଡ଼ିଶାର ଖ୍ୟାତନାମା କଳାକାରମାନଙ୍କ ସହ ରାଜ୍ୟ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ମଞ୍ଚ ମଣ୍ଡନ କରିବେ ବୋଲି କମିଟି ସଭାପତି ପ୍ରଧାନ ପ୍ରକାଶ କରିଛନ୍ତି।

### ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

**ସୋର,୨୪।୧(ଡି.ଏନ.ଏ.):** ସୋର ବ୍ଲକ ମଙ୍ଗଳପୁରସ୍ଥିତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିତ କିଶୋରୀ ମୋହନ ରଥ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଛାତ୍ର ସଂସଦର ସମ୍ପାଦକ ମୂରଲୀଧର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ସୁନୀଲ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ରୀଛାତ୍ରମାନେ ସ୍କୁଲ ଜୀବନର ସ୍ମୃତି ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ମଧୁସୂଦନ ବେହେରା, ପ୍ରମୋଦ ସାହୁ ତଥା ଅନ୍ୟ ଛାତ୍ରୀଛାତ୍ରମାନେ ସମସ୍ତ ସହଯୋଗ କରିଥିଲେ।

### ଯାତ୍ରୀ ବିଶ୍ରାମାଗାର ଲୋକାର୍ପିତ

**ଜଳେଶ୍ୱର,୨୪।୧ (ଡି.ଏନ.ଏ./ସ୍ୱ.ପ୍ର.):** ଜଳେଶ୍ୱର ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ବସ୍ ପାଇଁ ଅପେକ୍ଷାରତ ଯାତ୍ରୀମାନେ ଦୀର୍ଘଦିନ ହେଲା ବହୁତ ହଇରାଣ ହେଉଥିଲେ। ଜନସାଧାରଣଙ୍କ ଦାବୀ ଫଳରେ ଜଳେଶ୍ୱର ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଓ ଜଳେଶ୍ୱର ଲାୟନ୍ସ କ୍ଲବ ସହାୟତାରେ ନିର୍ମିତ ଯାତ୍ରୀ ନିବାସକୁ ଶୁକ୍ରବାର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଲୋକାର୍ପଣ କରିଛନ୍ତି। ଜଳେଶ୍ୱର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ଜଳେଶ୍ୱର ଲାୟନ୍ସ କ୍ଲବର ସଭାପତି କପିଳେଶ୍ୱର ମହାନ୍ତି, ଶିରିଶ ଚୌହାନ, ରାଜେଶ ଠକ୍କର, ଅରୁଣ ରାଠୀ, ସେକ୍ ସବୀର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଚାଷୀମାନେ ରାସ୍ତା ଉପରେ ଧାନବସ୍ତା ରଖି ଅବରୋଧ କରିଛନ୍ତି।

# ଧାନ ରଖି ଚାଷୀଙ୍କ ରାସ୍ତାରୋକୋ

**ଜଳେଶ୍ୱର,୨୪।୧(ଡି.ଏନ.ଏ.)**

ମଣ୍ଡିରେ ଧାନକ୍ରୟରେ ଅନିୟମିତତା ବିରୋଧରେ ଶୁକ୍ରବାର ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ଡେମୁରିଆଠାରେ ଚାଷୀମାନେ ରାସ୍ତା ଉପରେ ଧାନ ବସ୍ତା ରଖି ଅବରୋଧ କରିଛନ୍ତି। ଏପରିକି ଉତ୍ତ୍ୟକ୍ତ ଚାଷୀମାନେ ମିଲର୍ ଓ ଇକଡ଼ା ସେବା ସମବାୟ ସମିତିର ସମ୍ପାଦକଙ୍କୁ ମଧ ତାଲା ପକାଇ ଅଟକାଇ ରଖିଛନ୍ତି। ଏହି ସମବାୟ-ସମିତିରେ ମିଲର୍ ଓ ସମବାୟ ସମିତି ପକ୍ଷରୁ ଚାଷୀଙ୍କଠାରୁ ଧାନ କ୍ରୟ କରୁଥିବା ବେଳେ ପ୍ରତି କୁଇଣ୍ଟାଲ ପିଛା ୧୧ କି.ଗ୍ରା. ଧାନ ବେଆଇନ ଭାବେ କାଟି ନିଆଯାଉଥିବାରୁ ଚାଷୀମାନେ ଏହାର ତୀବ୍ର ବିରୋଧ କରି ଏହି ରାସ୍ତାରୋକୋ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ପ୍ରତ୍ୟାହାର ହୋଇ ନ ଥିବା ଜଣାଯାଇଛି।

## ନାଗରିକତ୍ୱ ସଂଶୋଧନ ଆଇନକୁ ସ୍ୱାଗତ

**ସିମୁଳିଆ, ୨୪।୧(ଡି.ଏନ.ଏ.)**



ଜିଲା ପ୍ରତିନିଧି ରାଜେନ୍ଦ୍ର କୁମାର ମହାପାତ୍ର ବକ୍ତବ୍ୟ ଦେଉଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ନାଗରିକତା ସଂଶୋଧନ ଆଇନକୁ ଦେଶର ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଛି। ଏ ସମ୍ପର୍କରେ ଜନସାଧାରଣଙ୍କୁ ଠିକ୍ ତଥ୍ୟ ପ୍ରଦାନ କରି ସଚେତନତା ସୃଷ୍ଟି ପାଇଁ ଶୁକ୍ରବାର ସିମୁଳିଆ ଭାଜପା ପକ୍ଷରୁ ବ୍ଲକର ସଦର ମହକୁମା ମାର୍କୋଣାରେ ମଣ୍ଡଳସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ମାର୍କୋଣାସ୍ଥିତ ବାସଭବନରୁ ସଚେତନତା ରାଲି ବାହାରି ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପଡିଆରେ ପହଞ୍ଚିଥିଲା। ପରେ ଜିଲା ଉପସଭାପତି ଈଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦେଇ ମୋଦି ସରକାରଙ୍କ ବିଭିନ୍ନ ଯୋଜନା ସହିତ ନାଗରିକତା ସଂଶୋଧନ ଆଇନ ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ବରିଷ୍ଠ କର୍ମୀ ରାଧାରମଣ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଜିଲା ପ୍ରତିନିଧି ରାଜେନ୍ଦ୍ର କୁମାର ମହାପାତ୍ର, ୪୦ନଂ. ଜୋନ ସଭାପତି ରଞ୍ଜନ କୁମାର ବେହେରା, ଭାରତୀ ମଲିକ, ଦିଲିପ କୁମାର ଗିରୀ, ରମାକାନ୍ତ ପଡିହାରୀ, ଉମାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଖଇରା ବ୍ଲକର କୁପାରୀ ଅଞ୍ଚଳରୁ ଆସିଥିବା ବିଭିନ୍ନ କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା।

## ବିଜୁ ଯୁବ ବାହିନୀ ପକ୍ଷରୁ କମ୍ବଳ ବଣ୍ଟନ

**ଲଙ୍ଗଳେଶ୍ୱର, ୨୪।୧(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଲଂ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳି ଠାରେ ବୋଲଂ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ୧୦୦ଜଣ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଭାରେ ଯୁବ ବାହିନୀ ସଭାପତି ରଞ୍ଜିତ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଝାଡ଼େଶ୍ୱର ରାଉତ ଯୋଗଦେଇ ଯୁବତୀଯୁବକ ସଚେତନ ହେଲେ ପୂଜ୍ୟପୂଜା ବଞ୍ଚି ରହିବା ସହ ଶୃଙ୍ଖଳିତ ସମାଜ ଗଠନର ସ୍ୱପ୍ନ ବାସ୍ତବ ରୂପ ନେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗେନ୍ଦ୍ର ମହାପାତ୍ର ଯୋଗଦେଇ ଯୁବ ବାହିନୀ ଯେଉଁ ପଦକ୍ଷେପ ନେଇ ମହତ କାର୍ଯ୍ୟ କରିଛି ତାହା ଆଗାମୀ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୁଲୋଚନା ନାୟକ, ମଧୁସୂଦନ ମଲ୍ଲିକ, ସୁବଳ ଦଳାଇ, ଅରବିନ୍ଦ ମଲ୍ଲିକ, ରାଧାକୃଷ୍ଣ ବାରିକ ପ୍ରମୁଖ ଯୋଗଦେଇ ଅସହାୟ ବୁଢ଼ାବୁଢ଼ୀମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଯୁବବାହିନୀ ସମ୍ପାଦିକା ଉତ୍କଳିକା ମଲ୍ଲିକ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ରାମକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷୟିତ୍ରୀଶିକ୍ଷକ ସମାଜର ଆଇନା

**ସିମୁଳିଆ, ୨୪।୧(ଡି.ଏନ.ଏ.)**

ସିମୁଳିଆ ବ୍ଲକର ସମୂହ ଶିକ୍ଷୟିତ୍ରୀଶିକ୍ଷକଙ୍କ ମିଳିତ ଉଦ୍ୟମରେ ଶିକ୍ଷକ ସମନ୍ୱୟ ସମିତିର ନୂତନ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ପର୍ଯ୍ୟଟନମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ମଧ୍ୟାହ୍ନରେ ଶିକ୍ଷକସମନ୍ୱୟ ସମିତିର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ସର୍ବଶିକ୍ଷା ଯୋଜନାର ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି) ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକମାନେ ସମାଜର ଆଇନା। ତେଣୁ ଶିକ୍ଷା ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସଚେତନ ରହି ଶିକ୍ଷାଦାନ କଲେ ସମାଜର ପ୍ରଗତି ହୋଇପାରିବ ବୋଲି କହିଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ, ତହସିଲଦାର ରବିନାରାୟଣ ସାହୁ, ଅନୁଶିକ୍ଷା ଅଧିକାରୀ ଲମ୍ବୋଦର ସିଂ, ଗଦାଧର ଦାସ, ଗଜେନ୍ଦ୍ର ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ରମାକାନ୍ତ ପଣ୍ଡା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶରତ ଚନ୍ଦ୍ର ନାୟକ ସମ୍ପାଦକୀୟ ବିବରଣୀ ପାଠ ଓ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ଘଟ ଉତ୍ତୋଳନ ଓ ପ୍ରତିଷ୍ଠା ପୂଜା ଅନୁଷ୍ଠିତ ହୋଇଥିଲା।



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ।

## 'ନେତାଜୀଙ୍କ ଭଳି ସ୍ୱାଭିମାନୀ ହୁଅ'




ରୌପ୍ୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

**ଖଇରା,୨୪।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ତିଳଦା ଗ୍ରାମର ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ରୌପ୍ୟ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସଂଘ ସଭାପତି ଜଗବନ୍ଧୁ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଅଧ୍ୟକ୍ଷ ଡ ବେଣୁଧର ପଣ୍ଡା ମୁଖ୍ୟଅତିଥି, ପ୍ରାକ୍ତନ ସମିତିସଭ୍ୟ ନିଳାମ୍ବର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସଭ୍ୟମାନେ ନେତାଜୀଙ୍କ ଭଳି ସ୍ୱାଭିମାନୀ ହେବାକୁ ପରାମର୍ଶ ଦେଇଥିଲେ। ଭାସ୍କର ଚନ୍ଦ୍ର ରାଉଳ, ଅନାଦି ପରିଡା, ଦୈତାରୀ ବହଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସୁରେଶ କୁମାର ଓଝା ବିବରଣୀ ପାଠ କରିଥିଲେ। ସଭ୍ୟ ବିଜୟ ପରିଡା, ଉମାକାନ୍ତ ନାୟକ, ଶଙ୍କର୍ଷଣ ଓଝା, ପ୍ରଦୀପ ନାୟକ, ପ୍ରଦୀପ ଓଝା, ଶତ୍ରୁଘ୍ନ ବିନାତ, କାର୍ତ୍ତିକ ବିନାତ, ଗୟାଧର ନାୟକ, ଗୋପାଳ ରାଉତ, ବାବାଜୀ ବେହେରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦୀପ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ଜଗନ୍ନାଥ ଏବଂ ନେତାଜୀ ସୁବାଷ ବୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

## ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପ୍ରତିବାଦରେ ମହିଳାଙ୍କ ଅନଶନ

**ବାଲିଆପାଳ, ୨୪।୧(ଡି.ଏନ.ଏ./ସ୍ୱ.ପ୍ର.)**




ଧାରଣାରତ ସେବିକୁନ ତବାସୁମ।

### କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

ବାଲେଶ୍ୱର ସିନିୟର ଡିଭିଜନ ସିଭିଲ କୋର୍ଟଙ୍କର ଗତ ମାସ ୨୪ ତାରିଖରେ ବାଲିଆପାଳ ତହସିଲ ଅନ୍ତର୍ଗତ ଗୁନାପୁର ମୌଜାର ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ଉପରେ ପୂର୍ବ ସ୍ଥିତାବସ୍ଥା ଜାରି କରିଛନ୍ତି। କୋର୍ଟଙ୍କ ଆଦେଶ ଅମାନ୍ୟ କରି ସେଠାରେ ଏକ ନୂତନ ପେଟ୍ରୋଲ ପମ୍ପ ନିର୍ମାଣ କାର୍ଯ୍ୟ କରାଯାଉଛି। କୋର୍ଟରେ କେସ୍ କରିଥିବା ସାୟଦ ସାଦିକ ହୁସେନ ଏବଂ ତାଙ୍କର ଝିଅ ସେବିକୁନ ତବାସୁମ ଏହାକୁ ବିରୋଧ କରିଛନ୍ତି। ସେମାନେ ମଧ ପୂର୍ବରୁ ବାଲିଆପାଳ ପୋଲିସକୁ କୋର୍ଟଙ୍କ ନିର୍ଦ୍ଦେଶ ବିଷୟରେ ଅବଗତ କରାଇଥିଲେ। ପୋଲିସ ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାୟଦ ହୁସେନଙ୍କ ଝିଅ ସେବିକୁନ ଓ ତାଙ୍କ ଭାଇ ଜମି ନିକଟକୁ ଯାଇ ନିଜ ମୋବାଇଲରେ ନିର୍ମାଣ କାର୍ଯ୍ୟର ଭିଡ଼ିଓ ରେକର୍ଡିଂ କରୁଥିଲେ। ବାଲିଆପାଳ ଥାନା ଏଏସ୍‌ଆଇ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହିତ ନିର୍ମାଣକାର୍ଯ୍ୟର ଫଟୋ ଉଠାଇବାକୁ ବାରଣ କରିଥିଲେ। ପରେ ଏଏସ୍‌ଆଇ ଜବରଦସ୍ତି ମୋବାଇଲ ଛଡ଼ାଇବା ବେଳେ ସେବିକୁନଙ୍କ ହାତରେ ଆଘାତ ଲାଗିଥିଲା। ଏନେଇ ସେବିକୁନ ଥାନାକୁ ଯାଇ ଏଏସ୍‌ଆଇଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ କଲେ ଅନଶନ କରିବେ ବୋଲି କହିଥିଲେ। ଶୁକ୍ରବାର ଏ ସମ୍ପର୍କରେ ବାଲିଆପାଳ ଥାନା ଅଧିକାରୀ ବିମଳ କୁମାର ନାୟକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ସେବିକୁନ ଥାନା ସମ୍ମୁଖରେ ଅମରଣ ଅନଶନରେ ବସିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଅମରଣ ଅନଶନ ଚାଲୁ ରହିଛି। ସେବିକୁନ କହିଛନ୍ତି କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ନିର୍ମାଣ କାର୍ଯ୍ୟ ବନ୍ଦ ନ ହେବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ। ଆଇଆଇସି ବିମଳ ନାୟକଙ୍କୁ ପଚାରିବାରୁ କୌଣସି କୋର୍ଟ ନିର୍ଦ୍ଦେଶ ମିଳିନାହିଁ।

## ନେତାଜୀ ଜୟନ୍ତୀରେ ସ୍ୱାସ୍ଥ୍ୟ ଶିବିର

**ସିମୁଳିଆ, ୨୪।୧(ଡି.ଏନ୍.ଏ.)**

ନେତାଜୀ ଜୟନ୍ତୀ ଅବସରରେ ସିମୁଳିଆ ବ୍ଲକ ଜାମୁଝାଡ଼ି ପଞ୍ଚାୟତର ଗୌଡପଦାରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସେବା ସଂସ୍ଥାନର ବିଭିନ୍ନ ବିଭାଗରେ ୯ଜଣ ଡାକ୍ତର ଯୋଗଦେଇ ୬୨୯ଜଣ ରୋଗୀଙ୍କ ଚିକିତ୍ସା ଓ ମାଗଣା ଆୟୁର୍ବେଦ ଔଷଧ ଯୋଗାଇ ଦେଇଥିଲେ। ଚିକିତ୍ସକଙ୍କ ମଧ୍ୟରେ ଡା. ସୁରେନ୍ଦ୍ର ମହାରଣା, ଡା.ଦେବବ୍ରତ ପାତ୍ର, ଡା.କ୍ରିଷ୍ଣା ସୁନ୍ଦରୀ ରାଉତ, ଡା.ଶ୍ରୀମାଧବ ସେଠୀ, ଡା.ଦେବୀପ୍ରସାଦ ଗିରି ପ୍ରମୁଖ ଥିଲେ। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ କୈଳାସ ଚନ୍ଦ୍ର ବେହେରା ମଞ୍ଚ ସଞ୍ଚାଳନ ଓ ଅକ୍ଷୟ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ତହସିଲଦାର ରବିନାରାୟଣ ସାହୁ, ସହକାରୀ ତହସିଲଦାର ସ୍ମୃତିରେଖା ଦାସ, ପୂର୍ବତନ ସମିତିସଭ୍ୟ ଶ୍ରୀଧର ମହାନ୍ତି, ଉପେନ୍ଦ୍ର ବିଶ୍ୱାଳ, ଅମରେଶ ମହାକୁଡ, ରାଜେନ୍ଦ୍ର ପ୍ରସାଦ ଦାସ, ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ଥିଲେ।

## କଳାକାଦ, ଗରଡ଼ିହି ରାସ୍ତାର ଉନ୍ନତୀକରଣ ଲାଗି ଶିଳାନ୍ୟାସ

**ସଜନାଗଡ଼, ୨୪।୧(ଡି.ଏନ.ଏ.)**

ନୀଳଗିରି ବ୍ଲକ ଅନ୍ତର୍ଗତ ୧୯ନମ୍ବର ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା କଳାକାଦ ଓ ଗରଡ଼ିହି ରାସ୍ତାର ଉନ୍ନତୀକରଣ ପାଇଁ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଶୁଭ ଶିଳାନ୍ୟାସ କରିଛନ୍ତି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩୩ଲକ୍ଷ ୬୫ହଜାର ଟଙ୍କାର ଏହି ରାସ୍ତାର ଉନ୍ନତୀକରଣ ପାଇଁ ମଞ୍ଜୁର ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ବଣସୀମା ମଣ୍ଡଳର ସଭାପତି ଅକ୍ଷୟ କୁମାର ବେହେରା, କରୁଣାକର ପଣ୍ଡା, ପୁରସ୍ତମ ଖିଲାର, ଉପେନ୍ଦ୍ର ଦାସ, ସୁକାନ୍ତ ବେହେରା, ରାଜଶ ନାୟକ, ବୀରାମ ବାବୁ, ପ୍ରତାପରୁଦ୍ର ସିଂ ଓ ଧରମଜିତ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକଙ୍କ ଦ୍ୱାରା ରାସ୍ତାର ଶିଳାନ୍ୟାସ

## ନେତାଜୀ ଥିଲେ ଛାତ୍ରୀଛାତ୍ରଙ୍କ ପ୍ରେରଣା

**ବାଲେଶ୍ୱର ଅଫିସ,୨୪।୧**



ନେତାଜୀ ଜୟନ୍ତୀରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର ସେଣ୍ଟ୍ରାଲ ସ୍କୁଲ ଛକ ନିକଟସ୍ଥ ଶ୍ରୀଜଗନ୍ନାଥ ଆବାସିକ ବିଦ୍ୟାଳୟରେ ୧୨୪ତମ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ହୋଇଛି। ବିଦ୍ୟାଳୟର ଚେୟାରମ୍ୟାନ ଗଙ୍ଗାଧର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚତୁର୍ଭୁଜ ମଲ୍ଲିକ ଯୋଗଦେଇ ଉଭୟଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିବା ସହ ଉଭୟ ବୀରଦ୍ୱୟଙ୍କ ଜାତି ପ୍ରତି ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ।

ବରିଷ୍ଠ ଶିକ୍ଷକ ନିତ୍ୟାନନ୍ଦ ପାତ୍ର ଓ ଶେଖ ମୁସ୍ତାକ ଅଲ୍ଲୀ ଯୋଗଦେଇ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କଠୁ ପ୍ରେରଣା ନେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଶ୍ରୀ ଗୀତାଞ୍ଜଳି ଦାସ ବିଦ୍ୟାଳୟ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅନୀଲ କୁମାର ଜେନା, ପର୍ଶୁରାମ ସେଠୀ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

## ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା

### ୭ ଜିଲାକୁ ନେଇ କ୍ଲଷ୍ଟର ବୈଠକ

**ବାଲେଶ୍ୱର ଅଫିସ, ୨୪।୧**

ବାଲେଶ୍ୱର ଜିଲା ବାମପଦାସ୍ଥିତ ନୋସି ବିଜ୍‌ନେସ ପାର୍କ ସମ୍ମିଳନୀ କକ୍ଷରେ ୭ଟି ଜିଲାକୁ ନେଇ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥିଭାତନନ୍ ଯୋଗଦେଇ ବିଭାଗର କାର୍ଯ୍ୟାବଳୀର ରୂପରେଖ ପ୍ରସ୍ତୁତ କରିବା ସହ ଆଗାମୀ ଦିନରେ ମୋ ସରକାର ଅନ୍ତର୍ଗତ ବିଭିନ୍ନ ଫ୍ଲାଗଶିପ୍ କାର୍ଯ୍ୟକ୍ରମଗୁଡ଼ିକୁ ହାତକୁ ନିଆଯାଇଥିବା ହେତୁ ସେଗୁଡ଼ିକୁ ପ୍ରମୁଖତାର ସହ ସମ୍ପାଦନ କରାଯିବ କହିଥିଲେ। ଏଣିକି ସହରାଞ୍ଚଳଗୁଡ଼ିକରେ ମାର୍କେଟିଂ କମ୍ପ୍ଲେକ୍ସ ନିର୍ମାଣକୁ ଗୁରୁତ୍ୱ ନ ଦେଇ ବରଂ ଭେଣ୍ଡିଂଜୋନ୍ ପ୍ରତିଷ୍ଠା, ପ୍ରତି ୱାର୍ଡରେ ଛୋଟ ଛୋଟ କମ୍ୟୁନିଟି ସେଣ୍ଟର ନିର୍ମାଣ, ଏପରି କି ବିଶାଳ ଷ୍ଟାଡିୟମ ପରିବର୍ତ୍ତେ ଏକାଧିକ କ୍ଷୁଦ୍ର ଖେଳ ପଡ଼ିଆର ବିକାଶ କରାଗଲେ ତାହା ବ୍ୟାପକ ଭାବେ ବ୍ୟବହାର ହୋଇପାରିବ ବୋଲି ସେ ମତ ପୋଷଣ କରିଥିଲେ।

ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ନଗର ଉନ୍ନୟନ ବିଭାଗରୁ ଆସିଥିବା ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା, କଲ୍ୟାଣ କୁମାର ରଥ ଏବଂ ଉପସଚିବ ଦୁର୍ଗା ପ୍ରସାଦ ମହାପାତ୍ର ପ୍ରମୁଖ ପାନୀୟ ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ରାଜସ୍ୱ ଆଦାୟ, ଜାଗା ମିଶନ, ଆହାର କାର୍ଯ୍ୟକ୍ରମ, ରାସ୍ତା ଆଲୋକୀକରଣ, ନଗରାଞ୍ଚଳ ଜୀବିକା ମିଶନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଜିଲା ଓ ୟୁଏଲବି ୱାରି ସମୀକ୍ଷା କରିଥିଲେ। ସମୀକ୍ଷା ବେଳେ ଅଧିକାରୀମାନଙ୍କୁ ପ୍ରତିଟି କାର୍ଯ୍ୟ ସମ୍ପାଦନ ବେଳେ ଦକ୍ଷତା, ସ୍ୱଚ୍ଛତା ଓ ସେବା ପ୍ରଦାନ ଭଳି ତିନୋଟି ବିଷୟକୁ ଗମ୍ଭୀରତାର ସହ ବିଚାରକୁ ନେଇ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦିଆଯାଇଥିଲା। ଯେଉଁମାନେ ଉତ୍ତମ ସେବା ପ୍ରଦାନ କରିବେ ସେମାନେ ସରକାରଙ୍କ ଦ୍ୱାରା ପୁରସ୍କୃତ ହେବେ ବୋଲି ନିର୍ଦ୍ଦେଶକ ସୂଚାଇ ଦେଇଥିଲେ। ବିଶେଷ ଭାବେ ବିଭିନ୍ନ ପୌରପାଳିକାରେ ବକେୟା ରହିଥିବା ହୋଲ୍ଡିଂ ଟ୍ୟାକ୍ସ ଆଦାୟ ଦିଗରେ ତତ୍ପରତା ପ୍ରକାଶ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରାଯାଇଥିଲା। ଏଣିକି ସବୁପ୍ରକାର ଟ୍ୟାକ୍ସ ଆଦାୟକୁ ସୁଚାରୁ ଭାବେ ସମ୍ପାଦନ କରିବା ସହ ଅନଲାଇନ ବ୍ୟବସ୍ଥା ଲାଗୁ ଫଳରେ ପ୍ରତିଦିନ ଟିକସ ସଂଗ୍ରହର ତଥ୍ୟ ରାଜ୍ୟ ମୁଖ୍ୟାଳୟରେ ଥାଇ ଜଣାପଡ଼ିବ। ତେଣୁ କେହି ମଧ ଏଥିରେ ଟାଳଟୁଳ ଅଥବା ଖିଲାପ କରିପାରିବେନି ବୋଲି କୁହାଯାଇଥିଲା। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକୁ ତୁରନ୍ତ ସାରିବାକୁ ମଧ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବାଲେଶ୍ୱର ଓ ଭଦ୍ରକ ଜିଲାପାଳଙ୍କ ସମେତ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଜିଲା ସହରାଞ୍ଚଳ ବିକାଶ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କ ସମେତ ୨୩ ଗୋଟି ପୌରାଞ୍ଚଳ, ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ସାମାଜିକ ସଂଗଠକ, ଟିକସ ସଂଗ୍ରହକାରୀ, ଏମଆଇଏସ୍ ଭଳି ପ୍ରାୟ ୨୧୫ଜଣ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୋଖରୀରେ ପଡ଼ି ଶିଶୁ ମୃତ

ବାସୁଦେବପୁର, ୨୪।୧ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ପଞ୍ଚୁରିଖି ଗ୍ରାମର ଆଦିତ୍ୟ ବାରିକ(୨)ଙ୍କର ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ଆଦିତ୍ୟ ଗ୍ରାମର ଗଣେଶ ବାରିକଙ୍କ ପୁଅ। ଶୁକ୍ରବାର ଆଦିତ୍ୟ ଅସାବଧାନତାବଶତଃ ନିକଟସ୍ଥ ଏକ ପୋଖରୀରେ ପଡ଼ିଯାଇଥିଲେ। ତାଙ୍କୁ ପୋଖରୀରୁ ଉଦ୍ଧାର କରି ପରିବାର ଲୋକ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି।

### ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ବାସୁଦେବପୁର, ୨୪।୧ (ଡି.ଏନ.ଏ.)- ଓଡ଼ିଶା ହ୍ୟାଣ୍ଡପମ୍ପ ଟ୍ୟୁବ୍‌ୱେଲ ମେକାନିକ୍ସ ଆଣ୍ଡ ପମ୍ପ ଡ୍ରାଇଭର୍ସ ୟୁନିୟନର ବାସୁଦେବପୁର ଶାଖା ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା, ସଭ୍ୟ ସେମାନଙ୍କ ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶୁକ୍ରବାର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଦୀର୍ଘ ୨୦ବର୍ଷ ଧରି ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଥିବା ପଞ୍ଚାୟତସ୍ତରରେ ହ୍ୟାଣ୍ଡପମ୍ପ, ନଳକୂପ ମରାମତି ମିସ୍ତ୍ରି ଓ ପମ୍ପ ଚାଳକମାନଙ୍କ ପଦବୀରେ ସଂଯୋଗ କରାଯାଇଥିବା ଶବ୍ଦର ସାମ୍ବିଧାନିକ ସଂଶୋଧନ କରାଇ ମେକାନିକାଲ ଷ୍ଟାଟସ ଭିତ୍ତିରେ ଦରମା ପ୍ରଦାନ, ଦରମା ୨୦ ହଜାର ଟଙ୍କାକୁ ବୃଦ୍ଧି ଆଦି ଦାବି କରାଯାଇଛି। ବିଭିନ୍ନ ଦାବି ନେଇ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟରତ କର୍ମଚାରୀ ଶୁକ୍ରବାର ମିଳିତ ହୋଇଥିଲେ। ବାଲିନଗର ପଡ଼ିଆରେ ସଂଘର ସଭାପତି ଭାସ୍କର ଚନ୍ଦ୍ର ଘଡ଼େଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ମୁକ୍ତିକାନ୍ତ ଦାସ ଅଧିକାରୀ, ସଞ୍ଜୟ ମଣ୍ଡଳ, ମନ୍ମଥ ନାୟକ, ଗିରିଧାରୀ ସେଠୀ, ଅଭିରାମ ବେହେରା, ଦୟାନିଧି ସାହୁ, ସୁକାନ୍ତି ତ୍ରିପାଠୀ ଓ ଶୈଳବାଳା ନାୟକ ପ୍ରମୁଖ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ପରେ ସଂଘ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ତିହିଡ଼ି,୨୪।୧ (ଡି.ଏନ.ଏ.)- ତିହିଡ଼ି ବ୍ଲକ ପାଳିଆବିନ୍ଧା ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଅଲିନଗର ଛକଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରୁ ବାହାରିଥିବା ଅଧାପିକା ଅଧାପକ ଓ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରାକୁ ଅଧକ୍ଷ ଡ. ଅଜିଜୁର୍ ରହେମାନ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ପ୍ରଦୀପ କୁମାର ମିଶ୍ର, ତପନ କୁମାର ନାୟକ, ଅଧାପିକା ହୀରକଲତା ଦାଶ, ପଦ୍ମାଳୟା ଖଟୁଆ, ଅଜୟ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଗାଡ଼ି ଚାଳନା ବେଳେ ହେଲ୍‌ମେଟ ବ୍ୟବହାର, ରାସ୍ତାର ନିୟମ ମାନିବା, ବେଗ ନିୟନ୍ତ୍ରଣ ଇତ୍ୟାଦି ସମ୍ପର୍କରେ ସ୍ଲୋଗାନ ଦେଇ ପରିକ୍ରମା କରିବା ସହିତ ଏକ ପଥପ୍ରାନ୍ତ ସଭାରେ ମିଳିତ ହୋଇଥିଲେ। ରାସ୍ତାରେ ନିୟମ ମାନି ଗାଡ଼ି ଚାଳନା କରୁଥିବା ଚାଳକଙ୍କୁ ଛାତ୍ରୀଛାତ୍ର ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ପ୍ରାଧାପକ ରବିନାରାୟଣ ଚୌଧୁରୀ, ଅଧାପକ ବିଶ୍ୱରଞ୍ଜନ ଦାସ, ଭାଗୀରଥି ଜେନା, ରାଜେନ୍ଦ୍ର ଭୁଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଶିକ୍ଷକ ଅଭାବ ସାଙ୍ଗକୁ ଭିତ୍ତିଭୂମି ଅସଜଡ଼ା

- ଦୁଇଟି ଶ୍ରେଣୀକୁ ୨ ଶିକ୍ଷକ
- ଶ୍ରେଣୀଗୃହରୁ ଖସୁଛି ପ୍ଲାଷ୍ଟର
- ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ଭଣ୍ଡାରିପୋଖରୀ,୨୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ମାଳଦା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ। ୨ ଶିକ୍ଷକରେ ଦୁଇଟି ଶ୍ରେଣୀ ଚାଲିଛି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷାଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷକ ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗକୁ ଅବଗତ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ସେହିପରି ବିଦ୍ୟାଳୟ ଭିତ୍ତିଭୂମି ମଧ୍ୟ ଅସଜଡ଼ା ହୋଇରହିଛି। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାର ବାହୁସ୍ଫୋଟ ମାରୁଥିବାବେଳେ


ମାଳଦା ଉଚ୍ଚ ବିଦ୍ୟାଳୟ।

ଏହି ବିଦ୍ୟାଳୟକୁ ଦେଖିଲେ ଶିକ୍ଷାର ମାନ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ କୁହାଯାଇଛି।

୧୯୮୦ରେ ସ୍ଥାପିତ ବିଦ୍ୟାଳୟର ଶ୍ରେଣୀଗୃହ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ସରକାରୀ ଅନୁଦାନପ୍ରାପ୍ତ ଏହି ସ୍କୁଲରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ରହିଛି। ନବମ ଶ୍ରେଣୀରେ ୩୧ ଓ ଦଶମ ଶ୍ରେଣୀରେ ୪୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୭୫ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଲାଗି ଦୁଇଟି ଶ୍ରେଣୀରେ ଦୁଇଜଣ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ ଆସନ୍ତା ୩୧ ତାରିଖରେ ଅବସର ନେବେ। ଜଣେ ଶିକ୍ଷକରେ ଚାଲିଛି ପାଠପଢ଼ା। ସେହିପରି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୃହରୁ ପ୍ଲାଷ୍ଟର ଖସିବା ଆରମ୍ଭ କଲାଣି। ଦୁଇଟି ଶ୍ରେଣୀ ପାଇଁ ୫ ଜଣ ଟିଜି, ଜଣେ କ୍ଲାସିକାଲ, ଜଣେ ହିନ୍ଦୀ, ଜଣେ ପିଇଟି, ଜଣେ ପିସିଏମ୍ ଓ ଜଣେ ସିବିଜେଡ୍ ଶିକ୍ଷକ ରହିବା କଥା। ହେଲେ ଯିଏ ଅବସର ନେଲେ ତାଙ୍କ ସ୍ଥାନରେ ଆଉ କାହାରିକୁ ନିଯୁକ୍ତି ଦିଆଯାଉନାହିଁ ବୋଲି କୁହାଯାଇଛି। ବର୍ତ୍ତମାନ ଜଣେ ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ବିଜ୍ଞାନ ଶିକ୍ଷକ ରହିଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରରେ। ୩ ଜଣ ପିଅନ ରହିଥିବାବେଳେ ଜଣଙ୍କୁ ଡେପୁଟେଶନରେ ମଣିନାଥପୁର ହାଇସ୍କୁଲକୁ ପଠାଯାଇଛି। ସଂସ୍କୃତ ଶିକ୍ଷକ ୨୦୧୭, ହିନ୍ଦୀ ଶିକ୍ଷକ ୨୦୧୪ ଓ କ୍ରୀଡ଼ା ଶିକ୍ଷକ ୨୦୧୪ରୁ ଅବସର ନେଲେଣି। ୫ ଟିଜିରୁ ୨ ଜଣ ୨୦୧୬ରୁ ଅବସର ନେବା ପରେ ଆଉ କେହି ଆସି ନ ଥିବା ଜାଣିବାକୁ ମିଳିଛି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା କହିଛନ୍ତି, ଶିକ୍ଷକ ଅଭାବ ଯୋଗୁ ପିଲାମାନଙ୍କୁ ଶିକ୍ଷାଦାନରେ ଅସୁବିଧା ହେଉଛି। ଆଖପାଖ ୨/୩ଟି ପଞ୍ଚାୟତର ପିଲା ପାଠ ପଢ଼ିବା ପାଇଁ ଏହି ବିଦ୍ୟାଳୟ ଉପରେ ନିର୍ଭର କରନ୍ତି। ଆସନ୍ତା ୩୧ ତାରିଖରେ ସେ ଅବସର ନେବେ। ଜଣେ ଶିକ୍ଷକରେ ବିଦ୍ୟାଳୟ ଚାଲିବା କଷ୍ଟ। ବିଭିନ୍ନ ସମୟରେ ଶିକ୍ଷକ ଅଭାବ ବିଷୟରେ ବିଭାଗକୁ ଜଣାଉଥିଲେ ମଧ୍ୟ କାହାରିକୁ ପଠାଯାଉ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କୁ ପଚାରିବାରୁ ସେ ସ୍କୁଲ ବିଷୟରେ ଅବଗତ ଥିବା କହିଥିଲେ। ସବୁଆଡ଼େ ଶିକ୍ଷକ ସମସ୍ୟା ଲାଗିରହିଛି। ତେବେ ଉକ୍ତ ବିଦ୍ୟାଳୟର ଶିକ୍ଷକ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଅଣିଜୋରେ ଆବାସ ହିତାଧିକାରୀ ସମ୍ମିଳନୀ

ବନ୍ତ, ୨୪।୧ (ସ୍ୱ.ପ୍ର.) -ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜଗବନ୍ଧୁ ବେହେରାଙ୍କ ସଭାପତିତ୍ୱ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତାରାଣୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଡିଓ ରେବିକା ବିଲୁଙ୍ଗ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଖୁବ୍‌ଶୀଘ୍ର ଗୃହ କାର୍ଯ୍ୟ ଆରମ୍ଭ କରି ନିର୍ଦ୍ଧାରିତ ସମୟ ଭିତରେ ଶେଷ କଲେ ବୋନସ ଟଙ୍କା ପାଇପାରିବେ ବୋଲି ବିଡିଓ ପରାମର୍ଶ ଦେଇଥିଲେ। ପଞ୍ଚାୟତରେ କାର୍ଯ୍ୟାଦେଶ ପାଇଥିବା ୧୫୬ ହିତାଧିକାରୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନ ଥିବାରୁ ସେମାନଙ୍କୁ ସମ୍ମିଳନୀରେ ଉପସ୍ଥିତ ରହିବାକୁ ନୋଟିସ୍ ଦିଆଯାଇଥିଲା। ତିଳୋତ୍ତମା ସାହୁ, ମହେଶ୍ୱର ନାୟକ, ଲିଙ୍ଗରାଜ ତ୍ରିପାଠୀ, ବୀଣାପାଣି ଦାସ, ବରିଷ୍ଠ ନାଗରିକ ପରମେଶ୍ୱର ରାଉତ ଓ ପଞ୍ଚନନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀ ପରେ ବିଡିଓ, ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅଣିଜୋ, ବିରିଡ଼ି, ରାଜନଗର ମଙ୍ଗଳପୁର, ଯଶୋବନ୍ତପୁର ଓ ନରିପୁର ଗ୍ରାମକୁ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।

# ସଫେଇ ଅଭିଯାନ, ରକ୍ତଦାନ ଶିବିର

**ସାନ ସରକାର ବାବାଙ୍କ ଜନ୍ମ ଉତ୍ସବ**

ଭଦ୍ରକ ଅଫିସ, ୨୪।୧ – ଭଦ୍ରକର ଧର୍ମଗୁରୁ ସାନ ସରକାର ବାବାଙ୍କ ୬୫ତମ ଜନ୍ମତିଥି ଅବସରରେ ଶୁକ୍ରବାର ସମସ୍ତ ଗାଁ ଓ ସହରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଦୁଃଖୀ ସମାଜ ସଭାପତି ଇଂ. ମନାୱର ହୋସେନ, ସମ୍ପାଦକ ଇଂ. ରେଜା-ଏ-ରସୁଲ, ହାଜୀ ମହମ୍ମଦ ଅବଦୁଲ ବାରୀ, ସଏଫ୍ ଅଲୀ, ମହମ୍ମଦ ଇକବାଲ ଖାଁ, ମହମ୍ମଦ ଜକାଉଲ୍ଲା, ହାଜି ଅତାୱଲା, ହାଜୀ କାସିମ୍ ଖାଁ, ହାଜୀ ଅନୱର ହୋସେନଙ୍କ ନେତୃତ୍ୱରେ ଭଦ୍ରକର ବାଙ୍କାବଜାରଠାରୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପୁରୁଣାବଜାର, ଶଙ୍କରପୁର, ନଙ୍ଗାମହଲା, ସନ୍ଥିଆ, ହଜାରୀ ନଗର, ଏଲଖା, ହେଲାସାହି, ମୁଲ୍ଲାସାହି, କଦମ୍ବବେଡା, କଚେରୀ ବଜାର ହୋଇ ନୂଆବଜାରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ପବିତ୍ର ଧର୍ମସ୍ଥଳୀ ଖାନ୍‌କାହଠାରେ ସରିଥିଲା।

ସକାଳ ୯ଟା ୧୫ରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ବାଇପାସ୍ ରୋଡସ୍ଥିତ


ଶିବିରରେ ରକ୍ତଦାନ କରାଯାଉଛି।

ସରକାର ନଗର ଖାନ୍‌କାହଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କଟକର ସେଣ୍ଟ୍ରାଲ ରେଡକ୍ରସ ଡ. ଅବିନାଶ ଦାସଙ୍କ ଟିମ୍ ୨୦୨ ୟୁନିଟ, ଏସ୍‌ସିବି ରକ୍ତଭଣ୍ଡାର ଡା. ଜଗନ୍ନାଥ ସାହୁଙ୍କ ଟିମ୍ ୪୫୦, ଭଦ୍ରକ ରକ୍ତଭଣ୍ଡାର ଡ. ବିମଳା ମିଶ୍ର, ସିଡିଏମ୍‌ଓ ଡା. ଜଗନ୍ନାଥ ପହିଙ୍କ ଟିମ୍ ୩୫୦, ବାଲେଶ୍ୱର ରକ୍ତଭଣ୍ଡାର ଡା. ବସନ୍ତ କୁମାର ଉପାଧ୍ୟାୟଙ୍କ ଟିମ୍‌ର ୫୫୫ ୟୁନିଟ୍‌କୁ ମିଶାଇ ମୋଟ ୧୫୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭଦ୍ରକର ବହୁ ଯୁବକ ଓ ଯୁବତୀଙ୍କ ସହ ଯୁବନେତା ନଳିନୀ ମହାନ୍ତି ଓ ଓକିଲ କାହ୍ନୁ ବାରିକ ରକ୍ତଦାନ କରିଥିଲେ। ଶିବିରରେ ଡ. ପ୍ରଭାସ ମହାନ୍ତି, ଶରତ ଆଚାର୍ଯ୍ୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ନରେନ ପଲେଇ, ମଳୟ ଜେନା, ଲକ୍ଷ୍ମୀ ମହାପାତ୍ର , ପ୍ରୟାସକାନ୍ତି ସାମଲ, ଦିଲୀପ ନାୟକ, ଡ. ବାଇଧର ସାହୁ, ଅଶୋକ ନାୟକ, ହରି ନନ୍ଦୀ, ଏନାମ ମହମ୍ମଦ, ଅବଦୁଲ ମୁକିତ୍ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ଦୁଃଖୀ ସମାଜର ବରିଷ୍ଠ ସଭ୍ୟ ସବୀର ଅଲୀ, ହାଜୀ ହୁମାୟୁନ, ଶେଖ୍ ଆସିଫ୍ ଅଲୀ, ଝମ୍‌ଝମ୍ ଅଲୀ, ଲିୱା ମାଷ୍ଟର, ଜମିଲ ଅଖତର ଖାନ, ତବାରକ ଅଲୀ, ଇଂ. ହବିବୁଲ୍ଲା, ଅତହର ଅଲୀ, ମୋଜୋ ଖାଁ, ଇଜାଜ୍ ବେଗ୍, ତନୱିର ଖାଁ, ଶେଖ୍ ଜହିର, ୟାସିନ ପରୱିନ, ସାଇମା ରସୁଲ ଓ ୟାସମିନ ତବାସୁମ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତଙ୍କ ପାଇଁ ଫ୍ରି ଟି ଷ୍ଟଲ ଖୋଲା ଯାଇଥିଲା। ଏନ୍‌ପିଜି ତରଫରୁ ଅପରାହ୍ନ ୫ଟାରେ ବଡ଼ସରକାର ବାବା ଓ ସାନ ସରକାର ବାବାଙ୍କ ପାଇଁ ଚାଦର ଶୋଭାଯାତ୍ରା କରି ସମାଧିରେ ଚାଦର ଚଢ଼ାଇଥିଲେ। ଏହି ସଫେଇ ଅଭିଯାନ ଓ ମେଗା ରକ୍ତଦାନ ଶିବିରର ସଫଳତା ପାଇଁ ଅଖିଳ ଭାରତୀୟ ଦୁଃଖୀ ସମାଜ ଭଦ୍ରକ ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଫାଇନାଲରେ ଡିସିସିକୁ ଭେଟିବ ଏମ୍‌ସିସି


ମ୍ୟାନ ଅଫ୍ ଦି ମ୍ୟାଚ୍ ଜ୍ୟୋତିପ୍ରକାଶ ମହାପାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

**ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ**

ଭଣ୍ଡାରିପୋଖରୀ, ୨୪।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ଖେଳପଡ଼ିଆରେ ଚାଲିଥିବା ତୃତୀୟ ବାର୍ଷିକ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜେସିସି ଜାରକା ସହିତ ଡିସିସି ଧବଳଗିରି ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଜେସିସିକୁ ହରାଇ ଡିସିସି ଫାଇନାଲରେ ପ୍ରବେଶ କରିଛି। ଡିସିସି ଟସ୍ ଜିତି ନିର୍ଦ୍ଧାରିତ ୨୨ ଓଭରରେ ୭ ଉଇକେଟ୍ ହରାଇ ୩୦୩ ରନ୍ କରିଥିଲା। ଦଳ ପକ୍ଷରୁ ଏସ୍‌କେ କଲିମ୍ ୩୩ ବଲରେ ୫୯ ରନ୍, ରମାକାନ୍ତ ୧୭ ବଲରେ ୪୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ତବ୍‌ରିଜ ୨ ଉଇକେଟ୍ ଓ ଜଗନ୍ନାଥ ୨ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜେସିସି ଜାରକା ୧୯.୨ ଓଭରରେ ୧୯୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଜିତେନ୍ଦ୍ର ଜେନା ୨୭ ବଲରେ ୯୦ ଓ ଜଗନ୍ନାଥ ଦାସ ୨୭ ବଲରେ ୫୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଜ୍ୟୋତିପ୍ରକାଶ ମହାପାତ୍ର ୫ ଓଭର ବୋଲିଂ କରି ୫ ଉଇକେଟ୍ ଓ ସନ୍ଦୀପ ଚାନ୍ଦ ୪ ଓଭର ବୋଲିଂ କରି ୪ ଉଇକେଟ୍ ନେଇଥିଲେ। ଡିସିସିର ଜ୍ୟୋତିପ୍ରକାଶ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଗୁରୁପ୍ରସାଦ ଗିରି ପୁରସ୍କୃତ କରିଥିଲେ। ଅମ୍ପାୟାର ଶରତ ପଣ୍ଡା ଓ ରାମଚନ୍ଦ୍ର ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପରିଡ଼ା ଓ ସୌମ୍ୟରଞ୍ଜନ ବେହେରା ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୨୬ ତାରିଖରେ ଡିସିସି ଧବଳଗିରି ଓ ଏମ୍‌ସିସି କାମାକ୍ଷାନଗର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ସତ୍ୟବ୍ରତ ଚାନ୍ଦ ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

**ଧାନଗଦାରେ ନିଆଁ ଲଗାଇବା ଘଟଣା**

ତିହିଡ଼ି,୨୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ସିନ୍ଦୋଳ ଗ୍ରାମର ଅନିରୁଦ୍ଧ ପାଣି ନାମକ ଜଣେ ବ୍ୟକ୍ତିଙ୍କ ଧାନ ଓ ଛଣ ଗଦାକୁ ସେହି ଗ୍ରାମର କେତେକ ଦୁର୍ବୃତ୍ତ ଗତମାସ ୨୭ତାରିଖ ରାତିରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଏହି ଘଟଣାରେ ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଗତ ୭ ତାରିଖରେ ଅଭିଯୋଗକାରୀ ଅନିରୁଦ୍ଧ ଏସ୍‌ପିଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ୧୪ ତାରିଖରେ ଏସ୍‌ପି ରାଜେଶ ପଣ୍ଡିତ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ତିହିଡ଼ି ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ ବୋଲି ଅଭିଯୋଗ ହୋଇଛି।

ଉଲ୍ଲେଖନୀୟ ଯେ, ଗତ ୨୭ ତାରିଖ ରାତିରେ ସିନ୍ଦୋଳ ଗ୍ରାମର କେତେକ ବ୍ୟକ୍ତି ଅନିରୁଦ୍ଧଙ୍କୁ ବିଭିନ୍ନ ଧମକ ଦେଇଥିଲେ। ଅନିରୁଦ୍ଧ ଭୟଭୀତ ହୋଇ କବାଟ ବନ୍ଦ କରି ଘର ଭିତରେ ପରିବାର ସହ ରହିଥିଲେ। ପରେ ସେହି ବ୍ୟକ୍ତିମାନେ ତାଙ୍କ ଘର ପାର୍ଶ୍ୱରେ ଥିବା ଧାନ ଓ ଛଣଗଦାରେ ନିଆଁ ଲଗାଇ ଦେଇଥିଲେ। ଅନିରୁଦ୍ଧ ତିହିଡ଼ି ଅଗ୍ନିଶମ କେନ୍ଦ୍ରକୁ ଖବର ଦେବା ପରେ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଅନିରୁଦ୍ଧ ୨୮ ତାରିଖରେ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬ଜଣଙ୍କ ନାମରେ ମାମଲା(ନଂ.୫୪୫/୧୯) ରୁଜୁ କରିଥିଲା। ଏ ସମ୍ପର୍କରେ ଆଇଆଇସି ରମେଶ ଚନ୍ଦ୍ର ସିଂଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଉଛି, ସତ୍ୟାସତ୍ୟ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଚାନ୍ଦବାଲି,୨୪।୧(ଡି.ଏନ.ଏ.)-ଚାନ୍ଦବାଲି ଗୋପବନ୍ଧୁ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ସେଠୀ କମ୍ପ୍ଲେକ୍ସରେ ୨୦ତମ ବାର୍ଷିକ ଉତ୍ସବ ଉପେନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚିତ୍ତରଞ୍ଜନ କବି ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ପ୍ରଫୁଲ୍ଲ ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କବି କମଳାକାନ୍ତ ମହାନ୍ତି ଓ ସାହିତ୍ୟିକ ରଜନୀକାନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରୁଣ ସାହୁ, ସୁବାସ ଚନ୍ଦ୍ର ନାୟକ, ସୁବାସ ମହାନ୍ତି, ଅମିତାଭ ପରିଡା ଓ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ।

# 'ଆଧ୍ୟାତ୍ମିକତା, ବିଜ୍ଞାନ ପରସ୍ପର ପରିପୂରକ'

ଧାମନଗର,୨୪।୧(ଡି.ଏନ.ଏ.)

ଧାମନଗର ବ୍ଲକ ନଦୀଗାଁ ସିଦ୍ଧ ହନୁମାନ ପୀଠରେ ସପ୍ତଦିବସ ବ୍ୟାପୀ ଧାର୍ମିକ ଚେତନା ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଅଙ୍କୁରାରୋପଣ ଅଧିକାର, ମହାଯଜ୍ଞ, ସୁନ୍ଦରାକାଣ୍ଡ, ଗୀତାଯଜ୍ଞ, ଅନ୍ନପୂର୍ଣ୍ଣା ପୂଜା, ଚଣ୍ଡୀଯଜ୍ଞ, ସଂପୁଟିତ ଲକ୍ଷ୍ମୀ ପୂଜା, ଦୁର୍ଗାପୂଜା, ଚଣ୍ଡୀ ଓ ଗାୟତ୍ରୀ ଯଜ୍ଞ ହୋଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ରାମାନନ୍ଦଚାର୍ଯ୍ୟ ଉତ୍କଳପୀଠାଧିଶ୍ୱର ଜଗଦଗୁରୁ ସ୍ୱାମୀ ଶ୍ରୀଶ୍ରୀ ଅରୂପାନନ୍ଦ ଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜଗଦଗୁରୁଙ୍କୁ ବିଭିନ୍ନ ଛକରେ ସ୍ୱାଗତ କରାଯାଇଥିଲା। ସେ ମନ୍ଦିରରେ ପୂର୍ଣ୍ଣାଳତି କରିବା ପରେ ଧର୍ମସଭାରେ ଯୋଗ ଦେଇଥିଲେ। ଆଧ୍ୟାତ୍ମିକତାବାଦ ଯେପରି ଜୀବନ ସହିତ ଜଡ଼ିତ ସେହିପରି ବିଜ୍ଞାନର ମଧ୍ୟ ଆବଶ୍ୟକତା ରହିଛି। ଦୁହେଁ ପରସ୍ପର ପରିପୂରକ ବୋଲି ସେ କହିଥିଲେ। ଆଧ୍ୟାତ୍ମ୍ୟ ଜଗତ ଛଡ଼ା ଶାନ୍ତି ଅସମ୍ଭବ ବୋଲି ସେ ଦୃଢ଼ୋକ୍ତି


ନଦୀଗାଁ ଧର୍ମସଭାରେ ଉପସ୍ଥିତ ଅତିଥି।

ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ଶ୍ରୀଚୈତନ୍ୟ ଆଶ୍ରମ ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବିଧାୟକ ବିଷ୍ଣୁ ସେଠୀ, ବାଗ୍ମୀ ଦୟାନିଧି ମିଶ୍ର ଓ ପ୍ରବକ୍ତା ବସନ୍ତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ସୂର୍ଯ୍ୟପୁର ରାଧାଗୋବିନ୍ଦ ଜୀଉ ମଠ ମହନ୍ତ ରାମହରି ଗୋସ୍ୱାମୀ ଅଧ୍ୟକ୍ଷତା କରିଥିଲେ। ଧର୍ମସଭା ପରିଚାଳନା କରିଥିଲେ ନିର୍ମଳ ଚନ୍ଦ୍ର କର ଏବଂ ମହେଶ୍ୱର ଦାସ। ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରଧାନ ଆଚାର୍ଯ୍ୟ ଭାବେ ଦିଲୀପ ପତି, ସଦସ୍ୟ ଅନ୍ତର୍ଯ୍ୟାମୀ ମହାପାତ୍ର, ଆଚାର୍ଯ୍ୟ ମାନସ ପାଢ଼ୀ, ପ୍ରମୋଦ ମିଶ୍ର, ଚିନ୍ମୟ ଭଟ୍ଟାଚାର୍ଯ୍ୟ ଏବଂ ମନୋରଞ୍ଜନ ମିଶ୍ର କାର୍ଯ୍ୟ ତୁଲାଇଥିଲେ। ମାନସ ସାହୁ, ଅମୂଲ୍ୟ ମହାରଣା, କାହ୍ନୁ ସୂତାର, ମନୋଜ ସାହୁ, ବିବେକାନନ୍ଦ ମିଶ୍ର, ଗୌରାଙ୍ଗ ଖିଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି

ପଦ୍ମପୁର,୨୪।୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ରାଜଘରପୋଖରୀଠାରେ ଆଜାଦ୍‌ହିନ୍ଦ ସାମାଜିକ ସଙ୍ଗଠନର ୬ଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାସ ଓ ଅନ୍ୟତମ ଅତିଥି ମନ୍ଦାରୀ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ରଞ୍ଜନ କୁମାର ନାୟକ ସଭାପତିତ୍ୱ କରିଥିଲେ। ଅଜିତ୍ ନାୟକ ବାର୍ଷିକ ବିବରଣୀ ପାଠ ଓ ଅରୁଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବପିଢ଼ି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବାରେ ସହାୟକ ହେବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ସିନେ କଳାକାର ଶୁଭମ୍ ପ୍ରଧାନ, ବିଜୟିନୀ ପଣ୍ଡା ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତ୍ୟୁଷା ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଞ୍ଚଳର ସରକାରୀ ଉଚ୍ଚ ବିଦ୍ୟାଳୟର ଗତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୪ ଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସପ୍ତାହବ୍ୟାପୀ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷାଦ୍ରୀ ନାୟକ, ମନୋଜ ମହାନ୍ତି, ବିଭୁଦତ୍ତ ନାୟକ, ରୋହିତ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ଶାରୀରିକ ସହ ମାନସିକ ବିକାଶ ଆଣେ କ୍ରୀଡ଼ା

ପଦ୍ମପୁର,୨୪।୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବିରସସ୍ଥିତ ଶିଶୁବିହାରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ନାୟକାଣିଡିହୀ ଥାନା ଏଏସ୍‌ଆଇ ବିଜୟ ଦାସ ମହାପାତ୍ର ମୁଖ୍ୟଅତିଥି, ନବଘନ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ସାହୁ ମୁଖ୍ୟବକ୍ତା ଓ ନରେନ୍ଦ୍ର ପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦଳେଇ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ଆଣେ ବୋଲି ଅତିଥିମାନେ କହିଥିଲେ। ୨୫୦ ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟର ସଭାପତି ଜଗବନ୍ଧୁ ନାୟକ ସଭାପତିତ୍ୱ ଓ ପ୍ରଧାନ ଆଚାର୍ଯ୍ୟ ବଳରାମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

■ସୀମାନ୍ତ ଯୁବ ସମିତି ଓ ଜାତୀୟ ଯୁବ ପ୍ରକଳ୍ପ ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଯୁବ ମହୋତ୍ସବ। ସ୍ଥାନ-ଝାରପୋଖରିଆ(ବନ୍ଦେ ଛକ ଦୁର୍ଗା ମଣ୍ଡପ ପଡ଼ିଆ), ସମୟ: ପୂର୍ବାହ୍ନ ୧୦ ଟା।

## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ

**ବଡ଼ସାହି,୨୪।୧(ସ୍ୱ.ପ୍ର):** ବଡ଼ସାହି ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ କରି ନିଆଯାଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ହେଲେ କାଲୁ ସୋରେନ(୨୦) । ଏନେଇ ପୋଲିସ ମାମଲା (ନଂ. ୧୩/୨୦)ରୁଜୁ କରି ତଦନ୍ତ ଜାରି ରଖିଛି ।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଇରଙ୍ଗପୁର,୨୪।୧(ଡି.ଏନ୍.ଏ.):** ଏକ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଦାମପାହାଡ଼ ଥାନା ତୁନିଡୁମ୍ବା ଗ୍ରାମର ବୀରସିଂ ମୁର୍ମୁ। ବୀରସିଂ ନିକଟବର୍ତ୍ତୀ ଜନମଘୁଟୁ ଗ୍ରାମରୁ ମେଳା ଦେଖି ଶୁକ୍ରବାର ସକାଳେ ଜଗୁଆଳିବିହୀନ ଫାଟକ ଦେଇ ଫେରୁଥିବା ବେଳେ ଟାଟାନଗର-ବାଦାମପାହାଡ଼ ଡିଏମ୍ୟୁ ଟ୍ରେନ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ଜଣଙ୍କ ଘରୁ ୨ ବାଇକ୍ ଚୋରି

ଖୁଣ୍ଟା ୨୪।୧(ଡ଼ି.ଏନ୍.ଏ.)-ଖୁଣ୍ଟା ଥାନା ଅଧୀନ ପୁରୁଣାପାଣି ଗ୍ରାମର ସୁଶାନ୍ତ କୁମାର ପଶାଙ୍କ ଘରୁ ଗୁରୁବାର ରାତିରେ ୨ଟି ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖୁଣ୍ଟା ଥାନା ପୋଲିସ ଘଟଣା ତଦନ୍ତ ଜାରି ରଖିଛି।

### ବସ୍ ଯାତ୍ରୀଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୪।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବସ୍‌ଷ୍ଟାଣ୍ଡରେ ଏକ ଯାତ୍ରୀବାହୀ ବସ୍‌ରୁ ଶୁକ୍ରବାର ପୂର୍ବାହ୍ନରେ ଓହ୍ଲାଇବା ବେଳେ ଜଣେ ଯୁବକ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ବସ୍‌ଷ୍ଟାଣ୍ଡର କେତେକ କର୍ମଚାରୀ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରରୁଆଁ ଥାନା ବଡ଼ାମତଳିଆ ଗ୍ରାମର ରଘୁନାଥ ସିଂ।

### ଆଇନ ସଚେତନତା ଶିବିର

**କପ୍ତିପଦା,୨୪।୧(ଡି.ଏନ୍.ଏ.):** କପ୍ତିପଦା ବ୍ଲକ୍ ଅଧୀନ କୁକୁରଡିମା ଅନନ୍ତ ବାସୁଦେବ ମନ୍ଦିର ପରିସରରେ ଉଦଳା, ତାଲୁକ ଆଇନ ସହାୟତା କକ୍ଷ ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତାଲୁକ ଆଇନ ସହାୟତା କକ୍ଷର ଅଧକ୍ଷା ତଥା ବରିଷ୍ଠ ଦେୱାନୀ ବିଚାରପତି ଅଞ୍ଜଳି କୁମାର ପାଢୀ ସଭାପତିତ୍ୱ କରିଥିଲେ। ସମ୍ମାନନୀୟ ଅତିଥି କନିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ କୁମାର ମହାପାତ୍ର, ସଭ୍ୟା ପ୍ରମିଳା ପଣ୍ଡା, ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମିଶ୍ର, ସଚ୍ଚିନ୍ଦ୍ର ପ୍ରଧାନ ଓ ଗ୍ରାମ୍ୟ କମିଟିର ସଭାପତି ଓ ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ ।

# ଅସ୍ଥାୟୀ ଗୃହରେ ଆଶ୍ରୟ ନେଲେ ୧୧୦ ପରିବାର


ନିର୍ମାଣ କରାଯାଇଥିବା ଅସ୍ଥାୟୀ ଗୃହ।


ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

■ଶିମିଳିପାଳ କୋର୍ ଅଞ୍ଚଳରେ ଦୀର୍ଘବର୍ଷ ହେଲା ବସବାସ କରୁଥିଲେ
■ ୩ ମାସ ପର୍ଯ୍ୟନ୍ତ ବନ ବିଭାଗ ଯୋଗାଇ ଦେବ ରନ୍ଧା ଖାଦ୍ୟ

**ଠାକୁରମୁଣ୍ଡା,୨୪।୧(ଡ଼ି.ଏନ୍.ଏ.)**

ଶିମିଳିପାଳ ଅଭୟାରଣ୍ୟ କୋର ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ବସବାସ କରି ଆସୁଥିବା ୧୧୦ ଖଡ଼ିଆ ଜନଜାତିର ପରିବାରକୁ ଗ୍ରାମଠାରୁ ୧୦୦ କି.ମି ଦୂର କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ରେଞ୍ଜର ସାଲେଇବେଡା ଗ୍ରାମରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଗୃହରେ ଥଇଥାନ କରାଯାଇଛି। ଅସ୍ଥାୟୀ ଗୃହରେ ଆଶ୍ରୟ ନେଇଥିବା ଯଶିପୁର ବ୍ଲକ ଗୁଡୁଗୁଡ଼ିଆ ରେଞ୍ଜ ଖଜୁରୀ ଗ୍ରାମର ଏହି ପରିବାରର ୨୪୩ ଜଣ ସଦସ୍ୟଙ୍କୁ ଶୁକ୍ରବାର ସ୍ୱତନ୍ତ୍ର ଗାଡ଼ିରେ ଅଣାଯାଇଥିଲା।

ବନବିଭାଗ ପକ୍ଷରୁ ସେମାନଙ୍କ ଥଇଥାନ ନିମନ୍ତେ ୨ ମାସ ପୂର୍ବରୁ ଉଦ୍ୟମ କରାଯାଇଥିଲା। ଜାଗା ଚିହ୍ନଟ ସହ ୧୨୦ଟି ଅସ୍ଥାୟୀ ଗୃହ ନିର୍ମାଣ କରାଯାଇଥିଲା। ଏହି ୧୧୦ଟି ପରିବାର ମଧ୍ୟରେ ଗୋଟିଏ ଲେଖାଏଁ ଆଦିବାସୀ କୋହ୍ଲ ଓ ସାନ୍ତାଳ ସମ୍ପ୍ରଦାୟର ପରିବାର ଥିବା ବେଳେ ଅନ୍ୟ ସମସ୍ତ ଖଡ଼ିଆ ଜନଜାତି ପରିବାରର ବୋଲି ଜଣାପଡ଼ିଛି। ଭିଟାମାଟି ଛାଡି ଆସିଥିବା ପରିବାରଗୁଡ଼ିକୁ ୩ ମାସ ପର୍ଯ୍ୟନ୍ତ ଅସ୍ଥାୟୀ ଗୃହରେ ବନ ବିଭାଗ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। ଏହି ୩ ମାସ ମଧ୍ୟରେ ସମସ୍ତ ୧୧୦ଟି ପରିବାରକୁ ୧୦ ଡ଼ିସିମିଲ ଜାଗା ସହ ସ୍ଥାୟୀ ଗୃହ, ଜମି ପଟ୍ଟା, ଆଧାର ଓ ଭୋଟର ପରିଚୟପତ୍ର ଏବଂ ରାସନକାର୍ଡ ଯୋଗାଇ ଦିଆଯିବ। ଏହି ସମସ୍ତ ପରିବାର ମୁଖ୍ୟଙ୍କ ନାମରେ ୧୦ ଲକ୍ଷ ଟଙ୍କା ଲେଖାଏଁ ଫିକ୍ସ ଡିପୋଜିଟ ସହ ଜମି, ଜାଗା ହରାଇ ଥିବା ପରିବାରକୁ ଏକର ପିଛା ୧ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରାଯିବ ବୋଲି ଡିଏଫଓ ପ୍ରସନ୍ନ କୁମାର ବେହେରା କହିଛନ୍ତି।

ଅସ୍ଥାୟୀ ଗୃହକୁ ଆସିଥିବା ସମସ୍ତ ସଦସ୍ୟଙ୍କ ନିମନ୍ତେ ଏକ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଡେପୁଟି ଡାଇରେକ୍ଟର ଯଜ୍ଞଦତ୍ତ ପତି, ଡିଏଫଓ ପ୍ରସନ୍ନ କୁମାର ବେହେରା, ବିଡ଼ିଓ ବିଜୟ କୁମାର ନାୟକ, ଅତିରିକ୍ତ ତହସିଲଦାର ମନୋଜ କାର୍ଜି, ଠାକୁରମୁଣ୍ଡା ରେଞ୍ଜର ପ୍ରଭାତ କୁମାର କୁଅଁର, ବନ୍ୟପ୍ରାଣୀ ରେଞ୍ଜର ସ୍ୱାଧୀନତା ସାହାଣୀଙ୍କ ସମେତ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅସ୍ଥାୟୀ ଗୃହକୁ ଆସିଥିବା ଜଲ୍ଲୀ ଦେହୁରୀ, ଜାଗ ଦେହୁରୀ, ବାବୁଲା ଦେହୁରୀ ଓ ଚିତ୍ରମଣି ଦେହୁରୀଙ୍କୁ ପଚାରିବାରୁ ନୂଆ ଜାଗାକୁ ଆସି ଭଲ ଲାଗୁଛି ବୋଲି କହିଥିଲେ।

# କାର୍ଯ୍ୟ ବନ୍ଦ ଡାକରା ଦେଲା ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସଂଘ



ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବାରିପଦା ଅଫିସ,୨୪।୧**

ବାରିପଦା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମ୍ମାନଜନକ ଦରମା ବୃଦ୍ଧି, ୫ ଦିବସ ବ୍ୟାଙ୍କ ସେବା ଏବଂ ଅନ୍ୟାନ୍ୟ ଦାବି ଏଥିରେ ଉପସ୍ଥାପନ କରାଯାଇଛି। ସେହିପରି ଆସନ୍ତା ୩୧ ଜାନୁୟାରୀ, ୧ ଫେବୃୟାରୀ ଏବଂ ୧୧, ୧୨ ଓ ୧୩ ମାର୍ଚ୍ଚରେ ଧର୍ମଘଟ ଡାକରା ଦିଆଯାଇଥିବା ବେଳେ ଏପ୍ରିଲ ପହିଲାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ ଇଣ୍ଡିଆ ଅଫିସର ସଂଗଠନର ଉପସଭାପତି ଭବାନୀ ଶଙ୍କର ସାମଲ, ଅଫିସର ରଜନୀକାନ୍ତ ଦଳେଇ, ଶରତ କୁମାର ମିଶ୍ର ପ୍ରମୁଖଙ୍କ ସମେତ କର୍ମଚାରୀ ସଂଘର ପ୍ରଶାନ୍ତ କୁମାର ମହାନ୍ତି, ପ୍ରଦୀପ କୁମାର ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୟୁଏଫବିୟୁ ସଂଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରାଯାଇଥିଲା।

# ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ: ୧୧ଷ୍ଟାର ଚାମ୍ପିୟନ

**ଚିତ୍ରଡା,୨୪।୧(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡା ପଞ୍ଚାୟତରେ ଥିବା ମଦନମୋହନ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମଦନମୋହନ ଫାଉଣ୍ଡେସନ ମ୍ୟାନେଜିଂ ଟ୍ରଷ୍ଟିର ଚେୟାରପର୍ସନ ଉଦୟ କୁମାର ମହାନ୍ତ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥିଭାବେ ଚିତ୍ରଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ରାଇବାବୁ, ଜୟନ୍ତ ବେହେରା ଏବଂ ଅମ୍ବୁଜ ମହାନ୍ତ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୮ଟି ଟିମ ଭାଗ ନେଇଥିଲା ବେଳେ ୧୧ଷ୍ଟାର ଟିମ ଚାମ୍ପିୟନ ହୋଇଥିଲା।

# ଅଟୋ ଧକ୍କାରେ ୨ ଯୁବକ ଗୁରୁତର

**କୁଆମରା,୨୪।୧(ଡ଼ି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତର ସିମିଳାବନ୍ଧଠାରେ ଏକ ଅଟୋ ଧକ୍କାରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୁଶଳଦା ଫାଣ୍ଡି ଅଧୀନ ନହରା ଗ୍ରାମର ସୁଶାନ୍ତ ବେହେରା ଓ ବିଶ୍ୱନାଥ ବେହେରା। ଦୁହେଁ ଏକ ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ଅଟୋ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ପୁରୁଣା ବାରିପଦା ଅଗ୍ନିଶମ କର୍ମଚାରୀ ଉଭୟଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ନେତାଜୀ ଜୟନ୍ତୀ


ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଝାରପୋଖରିଆ,୨୪।୧(ଡି.ଏନ୍.ଏ.)**

ସାରସକଣା ବ୍ଲକ୍ ଜାଲଦା କ୍ଲଷ୍ଟରର ଡୁମୁରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ମହାନ୍ତଙ୍କ ଅଧ୍ୟକ୍ଷତାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାରିପଦା ନାସା ଫାଉଣ୍ଡେଶନର ସଭାପତି ଡ. ସରୋଜ କୁମାର ନାୟକ, ମୁଖ୍ୟବକ୍ତା ଝାରପୋଖରିଆ ସୀମାନ୍ତ ଯୁବ ସମିତି ସଭାପତି ଆଶୋକ ପୃଷ୍ଟି, ସମ୍ମାନନୀୟ ଅତିଥି ଭାବେ ଶିକ୍ଷକ ଅଜିତ କୁମାର ସାହୁ, ଦେବଦତ୍ତ ସାହୁ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶକୁ ଭଲ ପାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଉଥିଲେ। ଶିକ୍ଷକ ଅଶୋକ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଫର୍ନିଚର୍ ବୋଝେଇ ଟ୍ରକ୍ ଅପହରଣ

**ବୈଶିଙ୍ଗା,୨୪।୧(ଡ଼ି.ଏନ୍.ଏ.)**

ବୈଶିଙ୍ଗା ଥାନା ଅଧୀନ ଗଡଦେଉଳିଆ ନିକଟ ୧୮ ନଂ. ଜାତୀୟ ରାଜପଥରେ ଖୋର୍ଦ୍ଧାରୁ ଆସୁଥିବା ଏକ ଫର୍ନିଚର୍ ବୋଝେଇ ଟ୍ରକକୁ ଜୋର ଜବରଦସ୍ତ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଅପରାହ୍ନ ପ୍ରାୟ ୨ଟା ସମୟରେ ଉକ୍ତ ଟ୍ରକ (ନଂ. ଓଡ଼ି ୦୨କ୍ୱି - ୨୫୬୮) ବାରିପଦା ଅଭିମୁଖେ ଯାଉଥିବା ସମୟରେ ଏକ କାରରେ ୩ଜଣ ଯୁବକ ଆସି ଗଡଦେଉଳିଆ ନିକଟରେ ଟ୍ରକକୁ ଅଟକାଇଥିଲେ। ପରେ ସେମାନେ ଟ୍ରକ ଡ୍ରାଇଭର ଓ ଖଲାସିଙ୍କୁ ଧମକ ଚମକ ଦେଇ ଗାଡ଼ିରୁ ଓହ୍ଲାଇ ଦେଇ ଟ୍ରକକୁ ବାଲେଶ୍ୱର ଦିଗରେ ନେଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଖୋର୍ଦ୍ଧାର ଜ୍ୟୋତିର୍ମୟୀ ସାହୁ ଶୁକ୍ରବାର ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୧୬/୨୦୨୦) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ପଦୋନ୍ନତିରେ ଚଞ୍ଚକତା: ହାଇକୋର୍ଟଙ୍କ ରହିତାଦେଶ

**ବଡସାହି,୨୪।୧(ସ୍ୱ.ପ୍ର)**

ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ପଦୋନ୍ନତିରେ ଚଞ୍ଚକତା ହୋଇଥିବା ନେଇ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଅନ୍ତରୀଣ ରହିତାଦେଶ ଜାରି କରାଯାଇଛି । ଏ ନେଇ ରାଜ୍ୟ ସରକାର, ମୟୂରଭଞ୍ଜ ଜିଲାପାଳ, ଉପଜିଲାପାଳ, ସମାଜ ମଙ୍ଗଳ ଅଧିକାରୀ ଓ ପଦୋନ୍ନତି ପାଇଥିବା ୫ ଅଙ୍ଗନୱାଡି କର୍ମୀଙ୍କୁ ପକ୍ଷ ରଖିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

ସୂଚନା ଅନୁଯାୟୀ, ବଡ଼ସାହି ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗରେ ୨୯୦ଟି ଅଙ୍ଗନୱାଡି ଓ ୩୩ଟି ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି । ମୟୂରଭଞ୍ଜ ଜିଲାର ୧୪ଟି ଆଇସିଡିଏସ୍‌ରୁ ୫୪ଜଣ ଅଙ୍ଗନୱାଡି କର୍ମୀଙ୍କୁ ସୁପରଭାଇଜର ପଦବୀକୁ ପଦୋନ୍ନତି କରିବା ପାଇଁ ସ୍ତରିକରଣ କରାଯାଇ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଚିଠି ନଂ. ୪୪୩୩/୨୭ଡିସେମ୍ବରରେ ସିଡିପିଓମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏସ୍‌ସି, ଏସଟି, ଓବିସି, ଏସ୍‌ଇବିସି ଓ ସାଧାରଣ ବର୍ଗର କର୍ମୀମାନଙ୍କର ସ୍ତରିକରଣ କରି ପଦୋନ୍ନତି ନିମନ୍ତେ ଚୟନ କରାଯାଇ ଜିଲା ଅଫିସକୁ ଜଣାଇବାକୁ ନିର୍ଦ୍ଦେଶ ରହିଥିଲା । ଏହାକୁ ଭିତ୍ତି କରି ବଡ଼ସାହି ଆଇସିଡିଏସ୍ ପକ୍ଷରୁ ଚଞ୍ଚକତା ପୂର୍ବକ ସରକାରୀ ନିୟମକୁ ଉଲଂଘନ କରି ସାଧାରଣବର୍ଗର କର୍ମୀମାନଙ୍କୁ ଏଥିରେ ସାମିଲ କରାଯାଇଛି। ଫଳରେ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବା କର୍ମୀମାନେ ଏଭଳି ନିଷ୍ପତ୍ତି ବିରୋଧରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପଦୋନ୍ନତି ପାଇବାରୁ ବଞ୍ଚିତ ଆଡିଆସାହି ଅଙ୍ଗନୱାଡି କର୍ମୀ ସୁକାନ୍ତି ମଞ୍ଜରୀ ସାହୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ସେ ଉଚ୍ଚ ନ୍ୟାୟାଳୟ ଡବ୍ଲୁପି(ସି) ନଂ ୧୫୫୪/୨୦୨୦ରେ ଏକ ମାମଲା ଦାୟର କରିଛନ୍ତି। କୋର୍ଟ ଅନ୍ତରୀଣ ରହିତାଦେଶ ପ୍ରଦାନ କରି ପକ୍ଷଭୁକ୍ତ ଅଧିକାରୀଙ୍କୁ ନିଜ ପକ୍ଷ ରଖିବା ପାଇଁ ଆଦେଶ ଦେଇଛନ୍ତି। ସେହିଭଳି ବଡ଼ସାହିକୁ ମିଶାଇ ବାରିପଦା ଓ ଗୋପବନ୍ଧୁ ନଗର ବ୍ଲକର ୫ଜଣ କର୍ମୀଙ୍କୁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନୋଟିସେ ଜାରି ହେବା ପାଇଁ ନିର୍ଦ୍ଦେଶ ରହିଛି । ଅବଶିଷ୍ଟ ୪୯ଜଣଙ୍କୁ ପଦୋନ୍ନତି ଦିଆଯିବାରେ ଚଞ୍ଚକତା କରାଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ । ସରକାରଙ୍କ ନିର୍ଦ୍ଦେଶକୁ ଭିତ୍ତି କରି ଜିଲା ଅଧିକାରୀଙ୍କ ଚିଠିରେ ଥିବା ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରାଯାଇଛି । ଫଳରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଆସୁଥିବା କର୍ମୀମାନେ ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ ହୋଇଛନ୍ତି । ଏଭଳି ଅନିୟମିତତା ପଛରେ କି ଉଦ୍ଦେଶ୍ୟ ଲୁଚି ରହିଛି ତାହା ତଦନ୍ତ ସାପେକ୍ଷ । କର୍ତ୍ତୃପକ୍ଷ ତଦନ୍ତ କରି ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜାତୀୟ କନ୍ୟା ସନ୍ତାନ ଦିବସ

**କପ୍ତିପଦା,୨୪।୧(ଡ଼ି.ଏନ୍.ଏ)**



କନ୍ୟା ଦିବସରେ ଉପସ୍ଥିତ ଆଶା ଓ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ।

କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ଦିବସ ନୁଦୁଡିହା ତଳସାହି ଅଙ୍ଗନୱାଡ଼ି କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଙ୍ଗନବାଡି କର୍ମୀ, ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଗ୍ରାମର ମହିଳାମାନଙ୍କୁ ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ସେମାନେ ହାତରେ ପ୍ଲାକାର୍ଡ଼ ଧରି ଗ୍ରାମରେ ବିଭିନ୍ନ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ପିଏଚଇଓ ସନ୍ତୋଷ କୁମାର ପାତ୍ର, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ସୁକାନ୍ତି ଦଳେଇ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରତିଭା ମଞ୍ଜରୀ ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମୟୂରଭଞ୍ଜ ବୁଦ୍ଧିଜୀବୀ ମଞ୍ଚର ବୈଠକ


ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ବୃନ୍ଦ।

**ବାରିପଦା ଅଫିସ,୨୪।୧**

ଜିଲାର ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ବିକାଶର ସ୍ୱରକୁ ଅଧିକ ଶାଣିତ କରିବା ଲାଗି ମୟୂରଭଞ୍ଜ ବୁଦ୍ଧିଜୀବୀ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ମଞ୍ଚର ସଭାପତି ବରିଷ୍ଠ ଖବରଦାତା ଡ.ବିଜୟ କୁମାର ଅଗ୍ରୱାଲାଙ୍କ ପୌରହିତ୍ୟରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବୁଲି ଲାଇବ୍ରେରୀ) ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଆବାହକ ଆଡଭୋକେଟ ବସନ୍ତ କୁମାର ମହାନ୍ତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଆଇନଜୀବୀ,ବୁଦ୍ଧିଜୀବୀ ପ୍ରମୁଖ ଅଂଶଗ୍ରହଣ କରି ଜିଲାର ବିକାଶ ପାଇଁ ଆସୁଥିବା ସରକାରୀ ଅନୁଦାନର ଉପଯୁକ୍ତ ବିନିଯୋଗ, ସରକାରୀ ଅନୁଷ୍ଠାନମାନଙ୍କରେ ସୃଷ୍ଟି ହେଉଥିବା ବିଭିନ୍ନ ଅଭାବ ଅସୁବିଧାର ନିରାକରଣ ସଂଗେ ସଂଗେ ଜିଲାର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଲାଗି ଏହି ମଞ୍ଚ ଜରିଆରେ ତଥା ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସାହାଯ୍ୟ ସହଯୋଗ ନେଇ କ୍ରିୟାଶୀଳ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲା ଓକିଲ ସଂଘର ପୂର୍ବତନ ସଭାପତି ବିଜନ ଦାସ, ମୟୂରଭଞ୍ଜ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ ଭାଗିରଥୀ ପରିଡା,ସେଣ୍ଟ୍ରାଲ ୟୁନିଭରସିଟି ଅଫ ଝାଡଖଣ୍ଡର ପୂର୍ବତନ ଡେପୁଟି ରେଜିଷ୍ଟ୍ରାର ଡ.କାଳୀପଦ ମହାନ୍ତ, ଭିଜିଲାନ୍ସ ବିଭାଗର ଆଡଭୋକେଟ କୃଷ୍ଣଚନ୍ଦ୍ର ଶତପଥୀ, ଜିଲା ପରିବେଶ ସମିତିର ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତି, ନାବରା ବନସାଥୀ କେନ୍ଦ୍ରର ସଭାପତି ନରୋତ୍ତମ ଦାସ, ଓଡିଆ ଜାଗରଣ ମଞ୍ଚର ସଭାପତି ଶରତ ଚନ୍ଦ୍ର ନାୟକ, କପ୍ତିପଦା ଅନ୍ୱେଷଣ ଏନଜିଓର ଉପଦେଷ୍ଟା ମନୋରଞ୍ଜନ ମଲ୍ଲିକ, ଏମପିସି ଅଟୋନମସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସ, ନରେଗାର ଆମ୍ବୁଡ୍ସମ୍ୟାନ ଅବନୀ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# 'ପରିସ୍ଥିତିର ମୁକାବିଲା ପାଇଁ କନ୍ୟାମାନେ ଦୃଢ଼ମନା ହୁଅନ୍ତୁ'

**ବାରିପଦା ଅଫିସ,୨୪।୧**


କୃତୀ ଛାତ୍ରୀ ଓ ଅତିଥିବୃନ୍ଦ।

**ଜିଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ**

ସମାଜରେ କନ୍ୟା ସନ୍ତାନମାନଙ୍କ ଅସମାନତା ଦୂର କରିବା ଏବଂ ସାମାଜିକସ୍ତରରେ ସେମାନଙ୍କୁ ପ୍ରାଧାନ୍ୟ ଦେବା ଜାତୀୟ ଶିଶୁ କନ୍ୟା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷ କରି ଶିକ୍ଷା ଗ୍ରହଣ କ୍ଷେତ୍ରକୁ ଶିଶୁ କନ୍ୟାମାନେ ଆଗେଇ ଆସିଲେ ସମାଜରେ ସେମାନଙ୍କ ସ୍ଥିତି ଜାହିର ହୋଇ ପାରିବା ସହିତ ସେମାନଙ୍କୁ ବିଭିନ୍ନସ୍ତରରେ ପ୍ରୋତ୍ସାହନ ମଧ୍ୟ ମିଳି ପାରିବ। ଯେ କୌଣସି ପରିସ୍ଥିତି ହେଲେ ମଧ୍ୟ ମୁକାବିଲା କରିବା ପାଇଁ ଦୃଢ଼ମନା ହେଲେ ସେମାନେ ଆଗେଇ ପାରିବେ ବୋଲି ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଶୁକ୍ରବାର ବାରିପଦା ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ଅତିଥୀମାନେ ମତବ୍ୟକ୍ତ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ଅଧ୍ୟକ୍ଷତା ଓ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବସିଂ ମୁଖ୍ୟଅତିଥି ଏବଂ ଡିଆରସିଏସ ଦମୟନ୍ତୀ ସିଂ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁସୁୟା ସାହୁ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଡିଏସପି ଏଚଆରପିସି ସବିତା ମାଝୀ, ଅତିରିକ୍ତ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା.ଜ୍ଞାନ ରଞ୍ଜନ ମହାନ୍ତି, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଜୀବନ କୃଷ୍ଣ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ, କସ୍ତୁରିବା ଗାନ୍ଧି ବାଳିକା ବିଦ୍ୟାଳୟ ତଥା ବିଭିନ୍ନ ବ୍ଲକରୁ ପ୍ରାୟ ୩୦୦ କିଶୋରୀ ବାଳିକା ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ରଚନା ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା କରାଯାଇ କୃତୀ କିଶୋର ବାଳିକାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ବାଲ୍ୟ ବିବାହକୁ ବିରୋଧ କରି ପାଠ ପଢ଼ା ଜାରି ରଖିଥିବା ୧୬ ଜଣ କିଶୋର ବାଳିକାଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଜିଲା ଆଇନ ସେବା ପ୍ରାଧୀକରଣର ସଚିବ ସ୍ମୃତିରଞ୍ଜନ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ପ୍ରମୁଖ ଯୋଗ ଦେଇ କନ୍ୟା ସନ୍ତାନମାନଙ୍କୁ ସାମଜିକସ୍ତରରେ ପ୍ରାଧାନ୍ୟ ଦେବା ଓ ଆତ୍ମନିର୍ଭରଶୀଳ ହେବା ଦିଗରେ ବିଭିନ୍ନ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ, ଚାଇଲ୍ଡଲାଇନର କର୍ମକର୍ତ୍ତା ଓ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ପଡ଼ି ଶିଶୁ ମୃତ

ବାସୁଦେବପୁର, ୨୪।୧ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ପଞ୍ଚୁରିଖି ଗ୍ରାମର ଆଦିତ୍ୟ ବାରିକ(୨)ଙ୍କର ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ଆଦିତ୍ୟ ଗ୍ରାମର ଗଣେଶ ବାରିକଙ୍କ ପୁଅ। ଶୁକ୍ରବାର ଆଦିତ୍ୟ ଅସାବଧାନତାବଶତଃ ନିକଟସ୍ଥ ଏକ ପୋଖରୀରେ ପଡ଼ିଯାଇଥିଲେ। ତାଙ୍କୁ ପୋଖରୀରୁ ଉଦ୍ଧାର କରି ପରିବାର ଲୋକ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି।

### ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ବାସୁଦେବପୁର, ୨୪।୧ (ଡି.ଏନ.ଏ.)- ଓଡ଼ିଶା ହ୍ୟାଣ୍ଡପମ୍ପ ଟ୍ୟୁବ୍‌ୱେଲ ମେକାନିକ୍ସ ଆଣ୍ଡ ପମ୍ପ ଡ୍ରାଇଭର୍ସ ୟୁନିୟନର ବାସୁଦେବପୁର ଶାଖା ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା, ସଭ୍ୟ ସେମାନଙ୍କ ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶୁକ୍ରବାର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଦୀର୍ଘ ୨୦ବର୍ଷ ଧରି ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଥିବା ପଞ୍ଚାୟତସ୍ତରରେ ହ୍ୟାଣ୍ଡପମ୍ପ, ନଳକୂପ ମରାମତି ମିସ୍ତ୍ରି ଓ ପମ୍ପ ଚାଳକମାନଙ୍କ ପଦବୀରେ ସଂଯୋଗ କରାଯାଇଥିବା ଶବ୍ଦର ସାମ୍ବିଧାନିକ ସଂଶୋଧନ କରାଇ ମେକାନିକାଲ ଷ୍ଟାଟସ ଭିତ୍ତିରେ ଦରମା ପ୍ରଦାନ, ଦରମା ୨୦ ହଜାର ଟଙ୍କାକୁ ବୃଦ୍ଧି ଆଦି ଦାବି କରାଯାଇଛି। ବିଭିନ୍ନ ଦାବି ନେଇ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟରତ କର୍ମଚାରୀ ଶୁକ୍ରବାର ମିଳିତ ହୋଇଥିଲେ। ବାଲିନଗର ପଡ଼ିଆରେ ସଂଘର ସଭାପତି ଭାସ୍କର ଚନ୍ଦ୍ର ଘଡ଼େଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସଂଘ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ସମ୍ପୂର୍ଣ୍ଣ ହେଉନି ଘର, ସମସ୍ୟାରେ ଜୁଆଙ୍ଗ

**କେନ୍ଦୁଝର, ୨୪।୧(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ପନାସିଆ ଗ୍ରାମରେ ବାସହୀନ ଜୁଆଙ୍ଗମାନଙ୍କୁ ସରକାରଙ୍କ ବିଭିନ୍ନ ଆବାସିକ ଯୋଜନାରେ ଘର ମିଳିଥିଲେ ହେଁ ନିର୍ମାଣ ସରୁ ନ ଥିବାରୁ ପୂର୍ବପରି ସେମାନେ ଭଙ୍ଗା ଦଦରା ଘରେ ରହିବାକୁ ବାଧ ହେଉଛନ୍ତି। ଫଳରେ ସରକାରଙ୍କ ଆବାସ ଯୋଜନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସବୁ ଘର ନିର୍ମାଣ ସରି ନ ଥିଲେ ହେଁ ବିଲ ପୈଠ ହୋଇଥିବା ଅଭିଯୋଗ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଗଙ୍ଗାଧର ଜୁଆଙ୍ଗ, ଲେମ୍ବୁ ଜୁଆଙ୍ଗ, ସୁଦାମ ଜୁଆଙ୍ଗ, ଲୋଚନ ଜୁଆଙ୍ଗ, ସୁକାନ୍ତି ଜୁଆଙ୍ଗ ପ୍ରମୁଖଙ୍କ ପାଇଁ ବିଜୁ ପକ୍କା ଆବାସ ଯୋଜନାରେ ଘର ମିଳିଥିଲେ ହେଁ ୪ବର୍ଷ ହେଲା ଘର ନିର୍ମାଣ ସରି ନାହିଁ। ସେହିପରି ବିବାଦ ଦେଖାଦେବାରୁ ରଞ୍ଜନ ଜୁଆଙ୍ଗଙ୍କ ଘର ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଅନ୍ୟ ସବୁ ଘର କେବେ ସରିବ ଏବଂ ଜୁଆଙ୍ଗମାନେ ଶୀତ, ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ମୁଣ୍ଡ ଉପରେ ଛାତ ପାଇବେ ସେ ନେଇ ଅପେକ୍ଷା କରିଛନ୍ତି । ଏନେଇ କାମ ତଦାରଖ କରୁଥିବା ସ୍ଥାନୀୟ ଜିଆରଏସ ମନ୍ମଥ ସାହୁଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ କୌଣସି ଉତ୍ତର ମିଳି ନ ଥିଲା। ଏନେଇ ହରିଚନ୍ଦନପୁର ବିଡିଓ ଉମାକାନ୍ତ ନାୟକ କହିଛନ୍ତି ଯେ, ଘର ସମ୍ପୂର୍ଣ୍ଣ ନ ହେଲେ ବିଲ୍ ହୋଇପାରିବ ନାହିଁ । ତେବେ ପୁରୁଣା କେସ୍ ଥିଲେ ତଦନ୍ତ କଲେ ଜଣାପଡିବ ।

# ଶିକ୍ଷକ ଅଭାବ ସାଙ୍ଗକୁ ଭିତ୍ତିଭୂମି ଅସଜଡ଼ା

- ଦୁଇଟି ଶ୍ରେଣୀକୁ ୨ ଶିକ୍ଷକ
- ଶ୍ରେଣୀଗୃହରୁ ଖସୁଛି ପ୍ଲାଷ୍ଟର
- ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ଭଣ୍ଡାରିପୋଖରୀ, ୨୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ମାଳଦା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ। ୨ ଶିକ୍ଷକରେ ଦୁଇଟି ଶ୍ରେଣୀ ଚାଲିଛି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷାଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷକ ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗକୁ ଅବଗତ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ସେହିପରି ବିଦ୍ୟାଳୟ ଭିତ୍ତିଭୂମି ମଧ୍ୟ ଅସଜଡ଼ା ହୋଇରହିଛି। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାର ବାହୁସ୍ଫୋଟ ମାରୁଥିବାବେଳେ



ମାଳଦା ଉଚ୍ଚ ବିଦ୍ୟାଳୟ।

ଏହି ବିଦ୍ୟାଳୟକୁ ଦେଖିଲେ ଶିକ୍ଷାର ମାନ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ କୁହାଯାଇଛି।

୧୯୮୦ରେ ସ୍ଥାପିତ ବିଦ୍ୟାଳୟର ଶ୍ରେଣୀଗୃହ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ସରକାରୀ ଅନୁଦାନପ୍ରାପ୍ତ ଏହି ସ୍କୁଲରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ରହିଛି। ନବମ ଶ୍ରେଣୀରେ ୩୧ ଓ ଦଶମ ଶ୍ରେଣୀରେ ୪୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୭୫ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଲାଗି ଦୁଇଟି ଶ୍ରେଣୀରେ ଦୁଇଜଣ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ ଆସନ୍ତା ୩୧ ତାରିଖରେ ଅବସର ନେବେ। ଜଣେ ଶିକ୍ଷକରେ ଚାଲିଛି ପାଠପଢ଼ା। ସେହିପରି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୃହରୁ ପ୍ଲାଷ୍ଟର ଖସିବା ଆରମ୍ଭ କଲାଣି। ଦୁଇଟି ଶ୍ରେଣୀ ପାଇଁ ୫ ଜଣ ଟିଜି, ଜଣେ କ୍ଲାସିକାଲ, ଜଣେ ହିନ୍ଦୀ, ଜଣେ ପିଇଟି, ଜଣେ ପିସିଏମ୍ ଓ ଜଣେ ସିବିଜେଡ୍ ଶିକ୍ଷକ ରହିବା କଥା। ହେଲେ ଯିଏ ଅବସର ନେଲେ ତାଙ୍କ ସ୍ଥାନରେ ଆଉ କାହାରିକୁ ନିଯୁକ୍ତି ଦିଆଯାଉନାହିଁ ବୋଲି କୁହାଯାଇଛି। ବର୍ତ୍ତମାନ ଜଣେ ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ବିଜ୍ଞାନ ଶିକ୍ଷକ ରହିଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରରେ। ୩ ଜଣ ପିଅନ ରହିଥିବାବେଳେ ଜଣଙ୍କୁ ଡେପୁଟେଶନରେ ମଣିନାଥପୁର ହାଇସ୍କୁଲକୁ ପଠାଯାଇଛି। ସଂସ୍କୃତ ଶିକ୍ଷକ ୨୦୧୭, ହିନ୍ଦୀ ଶିକ୍ଷକ ୨୦୧୪ ଓ କ୍ରୀଡ଼ା ଶିକ୍ଷକ ୨୦୧୪ରୁ ଅବସର ନେଲେଣି। ୫ ଟିଜିରୁ ୨ ଜଣ ୨୦୧୬ରୁ ଅବସର ନେବା ପରେ ଆଉ କେହି ଆସି ନ ଥିବା ଜାଣିବାକୁ ମିଳିଛି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା କହିଛନ୍ତି, ଶିକ୍ଷକ ଅଭାବ ଯୋଗୁ ପିଲାମାନଙ୍କୁ ଶିକ୍ଷାଦାନରେ ଅସୁବିଧା ହେଉଛି। ଆଖପାଖ ୨/୩ଟି ପଞ୍ଚାୟତର ପିଲା ପାଠ ପଢ଼ିବା ପାଇଁ ଏହି ବିଦ୍ୟାଳୟ ଉପରେ ନିର୍ଭର କରନ୍ତି। ଆସନ୍ତା ୩୧ ତାରିଖରେ ସେ ଅବସର ନେବେ। ଜଣେ ଶିକ୍ଷକରେ ବିଦ୍ୟାଳୟ ଚାଲିବା କଷ୍ଟ। ବିଭିନ୍ନ ସମୟରେ ଶିକ୍ଷକ ଅଭାବ ବିଷୟରେ ବିଭାଗକୁ ଜଣାଉଥିଲେ ମଧ୍ୟ କାହାରିକୁ ପଠାଯାଉ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କୁ ପଚାରିବାରୁ ସେ ସ୍କୁଲ ବିଷୟରେ ଅବଗତ ଥିବା କହିଥିଲେ। ସବୁଆଡ଼େ ଶିକ୍ଷକ ସମସ୍ୟା ଲାଗିରହିଛି। ତେବେ ଉକ୍ତ ବିଦ୍ୟାଳୟର ଶିକ୍ଷକ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଅଣିଜୋରେ ଆବାସ ହିତାଧିକାରୀ ସମ୍ମିଳନୀ

ବନ୍ତ, ୨୪।୧ (ସ୍ୱ.ପ୍ର.) -ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜଗବନ୍ଧୁ ବେହେରାଙ୍କ ସଭାପତିତ୍ୱ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତାରାଣୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଡିଓ ରେବିକା ବିଲୁଙ୍ଗ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଖୁବ୍‌ଶୀଘ୍ର ଗୃହ କାର୍ଯ୍ୟ ଆରମ୍ଭ କରି ନିର୍ଦ୍ଧାରିତ ସମୟ ଭିତରେ ଶେଷ କଲେ ବୋନସ ଟଙ୍କା ପାଇପାରିବେ ବୋଲି ବିଡିଓ ପରାମର୍ଶ ଦେଇଥିଲେ। ପଞ୍ଚାୟତରେ କାର୍ଯ୍ୟାଦେଶ ପାଇଥିବା ୧୫୬ ହିତାଧିକାରୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନ ଥିବାରୁ ସେମାନଙ୍କୁ ସମ୍ମିଳନୀରେ ଉପସ୍ଥିତ ରହିବାକୁ ନୋଟିସ୍ ଦିଆଯାଇଥିଲା। ତିଳୋତ୍ତମା ସାହୁ, ମହେଶ୍ୱର ନାୟକ, ଲିଙ୍ଗରାଜ ତ୍ରିପାଠୀ, ବୀଣାପାଣି ଦାସ, ବରିଷ୍ଠ ନାଗରିକ ପରମେଶ୍ୱର ରାଉତ ଓ ପଞ୍ଚାନନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମ୍ମିଳନୀ ପରେ ବିଡିଓ, ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅଣିଜୋ, ବିରିଡ଼ି, ରାଜନଗର ମଙ୍ଗଳପୁର, ଯଶୋବନ୍ତପୁର ଓ ନରିପୁର ଗ୍ରାମକୁ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।

# ସଫେଇ ଅଭିଯାନ, ରକ୍ତଦାନ ଶିବିର

ଭଦ୍ରକ ଅଫିସ, ୨୪।୧ – ଭଦ୍ରକର ଧର୍ମଗୁରୁ ସାନ ସରକାର ବାବାଙ୍କ ୬୫ତମ ଜନ୍ମତିଥି ଅବସରରେ ଶୁକ୍ରବାର ସମସ୍ତ ଗାଁ ଓ ସହରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଦୁଃଖୀ ସମାଜ ସଭାପତି ଇଂ. ମନାୱର ହୋସେନ, ସମ୍ପାଦକ ଇଂ. ରେଜା-ଏ-ରସୁଲ, ହାଜୀ ମହମ୍ମଦ

**ସାନ ସରକାର ବାବାଙ୍କ ଜନ୍ମ ଉତ୍ସବ**

ଅବଦୁଲ ବାରୀ, ସଏଫ୍ ଅଲୀ, ମହମ୍ମଦ ଇକବାଲ ଖାଁ, ମହମ୍ମଦ ଜକାଉଲ୍ଲା, ହାଜି ଅତାୱଲା, ହାଜୀ କାସିମ୍ ଖାଁ, ହାଜୀ ଅନୱର ହୋସେନଙ୍କ ନେତୃତ୍ୱରେ ଭଦ୍ରକର ବାଙ୍କାବଜାରଠାରୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପୁରୁଣାବଜାର, ଶଙ୍କରପୁର, ନଙ୍ଗାମହଲା, ସନ୍ଥିଆ, ହଜାରୀ ନଗର, ଏଲଖା, ହେଲାସାହି, ମୁଲ୍ଲାସାହି, କଦମ୍ବବେଢ଼ା, କଚେରୀ ବଜାର ହୋଇ ନୂଆବଜାରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ପବିତ୍ର ଧର୍ମସ୍ଥଳୀ ଖାନ୍‌କାହଠାରେ ସରିଥିଲା।

ସକାଳ ୯ଟା ୧୫ରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ବାଇପାସ୍ ରୋଡସ୍ଥିତ



ଶିବିରରେ ରକ୍ତଦାନ କରାଯାଉଛି।

ସରକାର ନଗର ଖାନ୍‌କାହଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କଟକର ସେଣ୍ଟ୍ରାଲ ରେଡକ୍ରସ ଡ. ଅବିନାଶ ଦାସଙ୍କ ଟିମ୍ ୨୦୨ ୟୁନିଟ, ଏସ୍‌ସିବି ରକ୍ତଭଣ୍ଡାର ଡା. ଜଗନ୍ନାଥ ସାହୁଙ୍କ ଟିମ୍ ୪୫୦, ଭଦ୍ରକ ରକ୍ତଭଣ୍ଡାର ଡ. ବିମଳା ମିଶ୍ର, ସିଡିଏମ୍‌ଓ ଡା. ଜଗନ୍ନାଥ ପହିଙ୍କ ଟିମ୍ ୩୫୦, ବାଲେଶ୍ୱର ରକ୍ତଭଣ୍ଡାର ଡା. ବସନ୍ତ କୁମାର ଉପାଧ୍ୟାୟଙ୍କ ଟିମ୍‌ର ୫୫୫ ୟୁନିଟ୍‌କୁ ମିଶାଇ ମୋଟ ୧୫୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭଦ୍ରକର ବହୁ ଯୁବକ ଓ ଯୁବତୀଙ୍କ ସହ ଯୁବନେତା ନଳିନୀ ମହାନ୍ତି ଓ ଓକିଲ କାହ୍ନୁ ବାରିକ ରକ୍ତଦାନ କରିଥିଲେ। ଶିବିରରେ ଡ. ପ୍ରଭାସ ମହାନ୍ତି, ଶରତ ଆଚାର୍ଯ୍ୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ନରେନ ପଲେଇ, ମଳୟ ଜେନା, ଲକ୍ଷ୍ମୀ ମହାପାତ୍ର , ପ୍ରୟାସକାନ୍ତି ସାମଲ, ଦିଲୀପ ନାୟକ, ଡ. ବାଇଧର ସାହୁ, ଅଶୋକ ନାୟକ, ହରି ନନ୍ଦୀ, ଏନାମ ମହମ୍ମଦ, ଅବଦୁଲ ମୁକିତ୍ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ଦୁଃଖୀ ସମାଜର ବରିଷ୍ଠ ସଭ୍ୟ ସବୀର ଅଲୀ, ହାଜୀ ହୁମାୟୁନ, ଶେଖ୍ ଆସିଫ୍ ଅଲୀ, ଝମ୍‌ଝମ୍ ଅଲୀ, ଲିଖା ମାଷ୍ଟର, ଜମିଲ ଅଖତର ଖାନ, ତବାରକ ଅଲୀ, ଇଂ. ହବିବୁଲ୍ଲା, ଅତହର ଅଲୀ, ମୋଜୋ ଖାଁ, ଇଜାଜ୍ ବେଗ୍, ତନୱିର ଖାଁ, ଶେଖ୍ ଜହିର, ୟାସିନ ପରୱିନ, ସାଇମା ରସୁଲ ଓ ୟାସମିନ ତବାସୁମ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତଙ୍କ ପାଇଁ ଫ୍ରି ଟି ଷ୍ଟଲ ଖୋଲା ଯାଇଥିଲା। ଏନ୍‌ପିଜି ତରଫରୁ ଅପରାହ୍ନ ୫ଟାରେ ବଡ଼ସରକାର ବାବା ଓ ସାନ ସରକାର ବାବାଙ୍କ ପାଇଁ ଚାଦର ଶୋଭାଯାତ୍ରା କରି ସମାଧିରେ ଚାଦର ଚଢ଼ାଇଥିଲେ। ଏହି ସଫେଇ ଅଭିଯାନ ଓ ମେଗା ରକ୍ତଦାନ ଶିବିରର ସଫଳତା ପାଇଁ ଅଖିଳ ଭାରତୀୟ ଦୁଃଖୀ ସମାଜ ଭଦ୍ରକ ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଫାଇନାଲରେ ଡିସିସିକୁ ଭେଟିବ ଏମ୍‌ସିସି



ମ୍ୟାନ ଅଫ୍ ଦି ମ୍ୟାଚ୍ ଜ୍ୟୋତିପ୍ରକାଶ ମହାପାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ଭଣ୍ଡାରିପୋଖରୀ, ୨୪।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର ଖେଳପଡ଼ିଆରେ ଚାଲିଥିବା ତୃତୀୟ ବାର୍ଷିକ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ

**ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ**

ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜେସିସି ଜାରକା ସହିତ ଡିସିସି ଧବଳଗିରି ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଜେସିସିକୁ ହରାଇ ଡିସିସି ଫାଇନାଲରେ ପ୍ରବେଶ କରିଛି। ଡିସିସି ଟସ୍ ଜିତି ନିର୍ଦ୍ଧାରିତ ୨୨ ଓଭରରେ ୭ ଉଇକେଟ୍ ହରାଇ ୩୦୩ ରନ୍ କରିଥିଲା। ଦଳ ପକ୍ଷରୁ ଏସ୍‌କେ କଲିମ୍ ୩୩ ବଲରେ ୫୯ ରନ୍, ରମାକାନ୍ତ ୧୭ ବଲରେ ୪୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ତବ୍‌ରିଜ ୨ ଉଇକେଟ୍ ଓ ଜଗନ୍ନାଥ ୨ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜେସିସି ଜାରକା ୧୯.୨ ଓଭରରେ ୧୯୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଜିତେନ୍ଦ୍ର ଜେନା ୨୭ ବଲରେ ୯୦ ଓ ଜଗନ୍ନାଥ ଦାସ ୨୭ ବଲରେ ୫୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଜ୍ୟୋତିପ୍ରକାଶ ମହାପାତ୍ର ୫ ଓଭର ବୋଲିଂ କରି ୫ ଉଇକେଟ୍ ଓ ସନ୍ଦୀପ ଚାନ୍ଦ ୪ ଓଭର ବୋଲିଂ କରି ୪ ଉଇକେଟ୍ ନେଇଥିଲେ। ଡିସିସିର ଜ୍ୟୋତିପ୍ରକାଶ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଗୁରୁପ୍ରସାଦ ଗିରି ପୁରସ୍କୃତ କରିଥିଲେ। ଅମ୍ପାୟାର ଶରତ ପଣ୍ଡା ଓ ରାମଚନ୍ଦ୍ର ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପରିଡ଼ା ଓ ସୌମ୍ୟରଞ୍ଜନ ବେହେରା ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୨୬ ତାରିଖରେ ଡିସିସି ଧବଳଗିରି ଓ ଏମ୍‌ସିସି କାମାକ୍ଷାନଗର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ସତ୍ୟବ୍ରତ ଚାନ୍ଦ ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ତିହିଡ଼ି, ୨୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ସିନ୍ଦୋଳ ଗ୍ରାମର ଅନିରୁଦ୍ଧ ପାଣି ନାମକ ଜଣେ ବ୍ୟକ୍ତିଙ୍କ ଧାନ ଓ ଛଣ ଗଦାକୁ ସେହି ଗ୍ରାମର କେତେକ ଦୁର୍ବୃତ୍ତ ଗତମାସ ୨୭ତାରିଖ ରାତିରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଏହି ଘଟଣାରେ ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଗତ ୭ ତାରିଖରେ ଅଭିଯୋଗକାରୀ ଅନିରୁଦ୍ଧ ଏସ୍‌ପିଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ

**ଧାନଗଦାରେ ନିଆଁ ଲଗାଇବା ଘଟଣା**

ଭାବେ ଜଣାଇଥିଲେ। ୧୪ ତାରିଖରେ ଏସ୍‌ପି ରାଜେଶ ପଣ୍ଡିତ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ତିହିଡ଼ି ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ ବୋଲି ଅଭିଯୋଗ ହୋଇଛି।

ଉଲ୍ଲେଖନୀୟ ଯେ, ଗତ ୨୭ ତାରିଖ ରାତିରେ ସିନ୍ଦୋଳ ଗ୍ରାମର କେତେକ ବ୍ୟକ୍ତି ଅନିରୁଦ୍ଧଙ୍କୁ ବିଭିନ୍ନ ଧମକ ଦେଇଥିଲେ। ଅନିରୁଦ୍ଧ ଭୟଭୀତ ହୋଇ କବାଟ ବନ୍ଦ କରି ଘର ଭିତରେ ପରିବାର ସହ ରହିଥିଲେ। ପରେ ସେହି ବ୍ୟକ୍ତିମାନେ ତାଙ୍କ ଘର ପାର୍ଶ୍ୱରେ ଥିବା ଧାନ ଓ ଛଣଗଦାରେ ନିଆଁ ଲଗାଇ ଦେଇଥିଲେ। ଅନିରୁଦ୍ଧ ତିହିଡ଼ି ଅଗ୍ନିଶମ କେନ୍ଦ୍ରକୁ ଖବର ଦେବା ପରେ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଅନିରୁଦ୍ଧ ୨୮ ତାରିଖରେ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬ଜଣଙ୍କ ନାମରେ ମାମଲା(ନଂ.୫୪୫/୧୯) ରୁଜୁ କରିଥିଲା। ଏ ସମ୍ପର୍କରେ ଆଇଆଇସି ରମେଶ ଚନ୍ଦ୍ର ସିଂଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଉଛି, ସତ୍ୟାସତ୍ୟ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଚାନ୍ଦବାଲି, ୨୪।୧(ଡି.ଏନ.ଏ.)-ଚାନ୍ଦବାଲି ଗୋପବନ୍ଧୁ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ସେଠୀ କମ୍ପ୍ଲେକ୍ସରେ ୨୦ତମ ବାର୍ଷିକ ଉତ୍ସବ ଉପେନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚିତ୍ତରଞ୍ଜନ କବି ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ପ୍ରଫୁଲ୍ଲ ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କବି କମଳାକାନ୍ତ ମହାନ୍ତି ଓ ସାହିତ୍ୟିକ ରଜନୀକାନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରୁଣ ସାହୁ, ସୁବାସ ଚନ୍ଦ୍ର ନାୟକ, ସୁବାସ ମହାନ୍ତି, ଅମିତାଭ ପରିଡା ଓ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ।

# 'ଆଧ୍ୟାତ୍ମିକତା, ବିଜ୍ଞାନ ପରସ୍ପର ପରିପୂରକ'

ଧାମନଗର, ୨୪।୧(ଡି.ଏନ.ଏ.)

ଧାମନଗର ବ୍ଲକ ନଦୀଗାଁ ସିଦ୍ଧ ହନୁମାନ ପୀଠରେ ସପ୍ତଦିବସ ବ୍ୟାପୀ ଧାର୍ମିକ ଚେତନା ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଅଙ୍କୁରାରୋପଣ ଅଧିକାର, ମହାଯଜ୍ଞ, ସୁନ୍ଦରାକାଣ୍ଡ, ଗୀତାଯଜ୍ଞ, ଅନ୍ନପୂର୍ଣ୍ଣା ପୂଜା, ଚଣ୍ଡୀଯଜ୍ଞ, ସଂପୁଟିତ ଲକ୍ଷ୍ମୀ ପୂଜା, ଦୁର୍ଗାପୂଜା, ଚଣ୍ଡୀ ଓ ଗାୟତ୍ରୀ ଯଜ୍ଞ ହୋଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ରାମାନନ୍ଦଚାର୍ଯ୍ୟ ଉତ୍କଳପୀଠାଧୀଶ୍ୱର ଜଗଦଗୁରୁ ସ୍ୱାମୀ ଶ୍ରୀଶ୍ରୀ ଅରୂପାନନ୍ଦ ଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜଗଦଗୁରୁଙ୍କୁ ବିଭିନ୍ନ ଛକରେ ସ୍ୱାଗତ କରାଯାଇଥିଲା। ସେ ମନ୍ଦିରରେ ପୂର୍ଣ୍ଣାଳତି କରିବା ପରେ ଧର୍ମସଭାରେ ଯୋଗ ଦେଇଥିଲେ। ଆଧ୍ୟାତ୍ମିକତାବାଦ ଯେପରି ଜୀବନ ସହିତ ଜଡ଼ିତ ସେହିପରି ବିଜ୍ଞାନର ମଧ୍ୟ ଆବଶ୍ୟକତା ରହିଛି। ଦୁହେଁ ପରସ୍ପର ପରିପୂରକ ବୋଲି ସେ କହିଥିଲେ। ଆଧ୍ୟାତ୍ମ୍ୟ ଜଗତ ଛଡ଼ା ଶାନ୍ତି ଅସମ୍ଭବ ବୋଲି ସେ ଦୃଢ଼ୋକ୍ତି



ନଦୀଗାଁ ଧର୍ମସଭାରେ ଉପସ୍ଥିତ ଅତିଥି।

ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ଶ୍ରୀଚୈତନ୍ୟ ଆଶ୍ରମ ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବିଧାୟକ ବିଷ୍ଣୁ ସେଠୀ, ବାଗ୍ମୀ ଦୟାନିଧି ମିଶ୍ର ଓ ପ୍ରବକ୍ତା ବସନ୍ତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ସୂର୍ଯ୍ୟପୁର ରାଧାଗୋବିନ୍ଦ ଜୀଉ ମଠ ମହନ୍ତ ରାମହରି ଗୋସ୍ୱାମୀ ଅଧ୍ୟକ୍ଷତା କରିଥିଲେ। ଧର୍ମସଭା ପରିଚାଳନା କରିଥିଲେ ନିର୍ମଳ ଚନ୍ଦ୍ର କର ଏବଂ ମହେଶ୍ୱର ଦାସ। ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରଧାନ ଆଚାର୍ଯ୍ୟ ଭାବେ ଦିଲୀପ ପତି, ସଦସ୍ୟ ଅନ୍ତର୍ଯ୍ୟାମୀ ମହାପାତ୍ର, ଆଚାର୍ଯ୍ୟ ମାନସ ପାଢୀ, ପ୍ରମୋଦ ମିଶ୍ର, ଚିନ୍ମୟ ଭଟ୍ଟାଚାର୍ଯ୍ୟ ଏବଂ ମନୋରଞ୍ଜନ ମିଶ୍ର କାର୍ଯ୍ୟ ତୁଲାଇଥିଲେ। ମାନସ ସାହୁ, ଅମୂଲ୍ୟ ମହାରଣା, କାହ୍ନୁ ସୂତାର, ମନୋଜ ସାହୁ, ବିବେକାନନ୍ଦ ମିଶ୍ର, ଗୌରାଙ୍ଗ ଖିଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ କନ୍ୟା ସନ୍ତାନ ଦିବସ




ଜାତୀୟ କନ୍ୟାଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଯୋଡ଼ା, ୨୪।୧(ଡି.ଏନ୍.ଏ.)

ଯୋଡ଼ା ସହରସ୍ଥିତ ଶାସ୍ତ୍ରୀନଗର ଯୁଥ କ୍ଲବଠାରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ କେନ୍ଦୁଝର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ଯୋଡ଼ା ବ୍ଲକର ଆକାଉଣ୍ଟାଣ୍ଟ ସତ୍ୟବ୍ରତ ମହାନ୍ତ, ସମ୍ମାନନୀୟ ଅତିଥିଭାବେ ଶାସ୍ତ୍ରୀନଗର ଯୁଥ କ୍ଲବର ସଭାପତି ସିଦ୍ଧାର୍ଥ କର, ଦି ୱାଲର୍ଡ ଭିଜନର ସଭାପତି ସୁକାନ୍ତ ବାନା, ଯୋଡ଼ା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେହେରାଙ୍କ ସମେତ ନେହେରୁ ଯୁବ କେନ୍ଦ୍ରର ଯୋଡା ବ୍ଲକର ଜାତୀୟ ଯୁବ ସ୍ୱେଚ୍ଛାସେବୀ ରୋଜାଲିନ ମଲ୍ଲିକ ଓ ମମତାରାଣୀ ବେହେରା ମଞ୍ଚାସୀନ ଥିଲେ। ଯୋଡ଼ା ପୌରପାଳିକାର ଗୋଷ୍ଠୀ ସଂଗଠିକା ସୁପ୍ରଭା ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ । ସମାଜରୁ କିପରି ଭ୍ରୁଣ ହତ୍ୟା ଲୋପ ପାଇବ ଓ କନ୍ୟା ଜନ୍ମହେଲେ ପରିବାରରେ ଦୁଃଖୀ ନ ହୋଇ କନ୍ୟାକୁ ସମ୍ମାନ ଦେବେ ସେ ନେଇ ମାନସିକ ପରିବର୍ତ୍ତନ ଆଣିବା ପାଇଁ ଆଲୋଚନା କରାଯାଇଥିଲା ।

### ଶାରୀରିକ ସହ ମାନସିକ ବିକାଶ ଆଣେ କ୍ରୀଡ଼ା

ପଦ୍ମପୁର, ୨୪।୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବିରସସ୍ଥିତ ଶିଶୁବିହାରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ନାୟକାଣିଡିହୀ ଥାନା ଏଏସ୍‌ଆଇ ବିଜୟ ଦାସ ମହାପାତ୍ର ମୁଖ୍ୟଅତିଥି, ନବଘନ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ସାହୁ ମୁଖ୍ୟବକ୍ତା ଓ ନରେନ୍ଦ୍ର ପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦଳେଇ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ଆଣେ ବୋଲି ଅତିଥିମାନେ କହିଥିଲେ। ୨୫୦ ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟର ସଭାପତି ଜଗବନ୍ଧୁ ନାୟକ ସଭାପତିତ୍ୱ ଓ ପ୍ରଧାନ ଆଚାର୍ଯ୍ୟ ବଳରାମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କୋଦଗାଡ଼ିଆ ସରପଞ୍ଚଙ୍କ ଅକାଳ ବିୟୋଗ

ଚମ୍ପୁଆ,୨୪।୧(ଡି.ଏନ.ଏ)- ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡିଆ ପଞ୍ଚାୟତର ସରପଞ୍ଚ ବୀରବର ମୁଣ୍ଡାଙ୍କ ଗୁରୁବାର ଅକାଳ ବିୟୋଗ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ପରୋପକାରୀ ବ୍ୟକ୍ତିତ୍ୱ ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପୂର୍ବରୁ ଜଣେ ସୈନିକ ଭାବେ ବିହାର ରେଜିମେଣ୍ଟରେ କାର୍ଯ୍ୟ କରୁଥିଲେ। ସ୍ୱେଚ୍ଛାକୃତ ଅବସର ଗ୍ରହଣ ପରେ ରାଜନୀତିରେ ପାଦ ଦେଇ କୋଦଗାଡିଆ ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ପାକସ୍ଥଳୀ କ୍ୟାନସରରେ ପୀଡିତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ। ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ରାଜନେତାମାନେ ତାଙ୍କ ଶେଷ ଦର୍ଶନ କରିଥିବା ଜଣାଯାଇଛି।

### ବିଦ୍ୟାଳୟରେ ଶିଶୁ ଉତ୍ସବ

ହାଟଡିହୀ,୨୪।୧(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ଚଷାଖଣ୍ଡ ନୋଡାଲ ଓ ହାଟଡିହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଟଡିହୀ ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ଜେନା, ଜ୍ଞାନେନ୍ଦ୍ର ଜେନା, ବିନ୍ଦୁରେଖା ସାହୁ, ବାଣି ବନ୍ଦନା ପଟ୍ଟନାୟକ, ରଶ୍ମିରଞ୍ଜନ ପତି ଓ ସ୍ୱାଗତିକା ଆଇଚ ସହଯୋଗ କରିଥିଲେ। ଚଷାଖଣ୍ଡରେ ସୁରେସନ ବାରିକ ଓ ସ୍ମିତାରାଣୀ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିପିନ କୁଅଁର, ମାମିନା ସାହୁ, ଲିପିନ ରାଉତ, ଦେବପ୍ରକାଶ ରାଉତ, ସ୍ନିଗ୍ଧା ମହାନ୍ତି ଓ ବିପିନ ରାଉତଙ୍କ ଦ୍ୱାରା ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦିଲୀପ ରାଉଳ, ମାନସ ଜେନା ଓ ସୁଷମା ଖଣ୍ଡାଇ ସହଯୋଗ କରିଥିଲେ।

# ଜିଲା ଯୋଜନା କମିଟି ବୈଠକ

କେନ୍ଦୁଝର, ୨୪।୧(ସ୍ୱ.ପ୍ର./ ଡି.ଏନ.ଏ.)


ଜିଲା ଯୋଜନା କମିଟି ବୈଠକରେ ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ, ଏମ୍‌ପି ଚନ୍ଦ୍ରାଣି ମୁର୍ମୁ ଓ ବିଧାୟକମାନେ।

ଜିଲାପାଳଙ୍କ କାର୍ଯ୍ୟାଳୟର ଦରବାର ହଲ୍‌ଠାରେ ଶୁକ୍ରବାର ଜିଲା ଯୋଜନା କମିଟି ବୈଠକ କମିଟି ଅଧ୍ୟକ୍ଷ ତଥା ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୧୯-୨୦ ବର୍ଷ ପାଇଁ ସମୁଦାୟ ୨୩୬୦ କୋଟି ୭୫ଲକ୍ଷ ୧୯ ହଜାର ଟଙ୍କାର ଯୋଜନା ଅଟକଳ ଅନୁମୋଦିତ ହୋଇଯାଇଛି । ପ୍ରାରମ୍ଭରେ ଜିଲାପାଳ ଆଶିଷ ଥାକରେ ଯୋଗଦେଇ ସ୍ୱାଗତ ଭାଷଣ ଦେଇ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ । ଓଡିଶାରେ କେନ୍ଦୁଝର ଜିଲାକୁ ଅଗ୍ରଣୀ ଜିଲା ଭାବରେ ପରିଗଣିତ କରିବା ପାଇଁ ସୁବ୍ୟବସ୍ଥା ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ତଥା ଜିଲା କମିଟି ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ବିଭାଗୀୟ ଅଧିକାରୀମାନେ କାମ କରିବାକୁ ପରାମର୍ଶ ଦେଇଥିଲେ । ଯୋଜନା ପ୍ରସ୍ତୁତ ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଦକ୍ଷତା ବିକାଶ, ବନୀକରଣ, ଜଙ୍ଗଲ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଆଦି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସରକାର ଓ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଓ ଜନସାଧାରଣଙ୍କ ଆସ୍ଥା ଭାଜନ ହେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମୋ ସରକାର ଓ ୫ଟି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହାଦ୍ୱାରା କର୍ମଚାରୀମାନଙ୍କ ଉତ୍ତରଦାୟିତ୍ୱ ବଢିଯାଇଛି ବୋଲି ଅଧ୍ୟକ୍ଷ ମଲ୍ଲିକ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, କେନ୍ଦୁଝର ବିଧାୟକ ମୋହନ ମାଝି, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ପିଡି ଡିଆରଡିଏ ଡକ୍ଟର ଉଦ୍ଧବ ଚନ୍ଦ୍ର ମାଝି, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା ଯୋଗଦେଇ ଆଲୋଚନା କରିଥିଲେ। ସମୁଦାୟ ଅଟକଳ ମଧ୍ୟରୁ କୃଷି ଓ ତତସମ୍ପର୍କିତ କାର୍ଯ୍ୟକ୍ରମ ପାଇଁ ୬୨ କୋଟି ୭୪ ଲକ୍ଷ ୧୭ ହଜାର ଟଙ୍କା, ଗ୍ରାମ୍ୟ ଉନ୍ନୟନ ପାଇଁ ୬୭୪ କୋଟି ୮୬ ଲକ୍ଷ, ଜଳସେଚନ ଓ ବନ୍ୟାନିୟନ୍ତ୍ରଣ ପାଇଁ ୬୮ କୋଟି ୧୯ ଲକ୍ଷ ୨୬ ହଜାର ଟଙ୍କା, ଶକ୍ତି କ୍ଷେତ୍ର ପାଇଁ ୧୫୦ କୋଟି ୩୦ ଲକ୍ଷ ୧୬ ହଜାର ଟଙ୍କା, ଶିଳ୍ପ ବିଭାଗ ପାଇଁ ୧୭ କୋଟି ୪୦ ହଜାର ଟଙ୍କା, ରାସ୍ତା ଓ ପୋଲ ନିର୍ମାଣ ପାଇଁ ୧୫୮ କୋଟି ୭୩ ଲକ୍ଷ, ବୃକ୍ଷରୋପଣ, ଜଙ୍ଗଲ ଓ ବନ୍ୟପ୍ରାଣୀ ବିଭାଗ ପାଇଁ ୩ କୋଟି ୨୩ ଲକ୍ଷ ୪ ହଜାର, ସାଧାରଣ ଅର୍ଥନୀତିକ ସେବା ପାଇଁ ୭ କୋଟି ୮୮ ଲକ୍ଷ ୧୯ ହଜାର ଟଙ୍କା, ସାମାଜିକ ସେବା କ୍ଷେତ୍ରରେ ୧୦୧୭ କୋଟି ୫ ଲକ୍ଷ ୩୨ ହଜାର ଟଙ୍କା, ସାଧାରଣ ସେବା କ୍ଷେତ୍ରରେ ୭୫ ଲକ୍ଷ ୬୫ ହଜାର ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଛି । ସେହିପରି ଏହି ବୈଠକରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାର ୨୦୧୬-୧୭, ୨୦୧୭-୧୮ ଓ ୨୦୧୮-୧୯ ବର୍ଷର କେତେକ ପ୍ରକଳ୍ପ ଅନୁମୋଦନ କରାଯାଇଛି ।

## ଦୁର୍ଘଟଣା: ପୌରପାଳିକାର ୫ କର୍ମଚାରୀ ଆହତ

ଯୋଡ଼ା,୨୪।୧(ଡି.ଏନ୍.ଏ.)


ଦୁର୍ଘଟଣାଗ୍ରସ୍ତ ବୋଲେରୋ।

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କରଣସାହିଠାରେ ଗୁରୁବାର ରାତିରେ ଏକ ବୋଲେରୋ ଦୁର୍ଘଟଣାରେ ଯୋଡ଼ା ପୌରପାଳିକାର ୫ କର୍ମଚାରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପୌରପାଳିକାର ୫ କର୍ମଚାରୀ ବାଲେଶ୍ୱରରେ ଏକ ସଭା କାର୍ଯ୍ୟକ୍ରମରେ ଯୋଗଦେଇ ବୋଲେରୋ (ନଂ. ଓଆର୦୯ଏଲ- ୧୫୨୨) ଯୋଗେ ଯୋଡ଼ା ଅଭିମୁଖେ ଫେରୁଥିଲେ। ରାତି ପ୍ରାୟ ୧୨.୧୫ ମି. ସମୟରେ ବୋଲେରୋଟି ଏକ ଟ୍ରକ ପଛରେ ଧକ୍କା ଦେଇଥିଲା। ଫଳରେ ସେଥିରେ ବସିଥିବା ପୌରପାଳିକାର ପରିମଳ ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ ଭାଗବତ ନାଏକ, ଡାଟା ଅପରେଟର ଆଶିଷ ମହାନ୍ତି, ସହକାରୀ ଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତ, କଳାକର ସାହା ଆହତ ହୋଇଥିଲେ। ପରିମଳ ଅଧିକାରୀ ମିଶ୍ର ଗୁରୁତର ଆହତ ହୋଇଥିବାବେଳେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯୋଡ଼ା ଟାଟାଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ସକ୍ଷମ ଜିଲା ଅଧିବେଶନ

କେନ୍ଦୁଝର, ୨୪।୧(ସ୍ୱ.ପ୍ର.)

କେନ୍ଦୁଝରସ୍ଥିତ ନଗର ଭବନଠାରେ ଜାତୀୟ ସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସକ୍ଷମ ପକ୍ଷରୁ ଜିଲା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସକ୍ଷମ ସାରା ଭାରତରେ ଦିବ୍ୟାଙ୍ଗମାନଙ୍କ ଅଧିକାର ଓ ସେମାନଙ୍କ ସରକାରୀ ସୁବିଧା ପାଇବା ପାଇଁ କାର୍ଯ୍ୟ କରୁଛି। ସକ୍ଷମ ସହାୟତା କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କୁ ସହାୟତା ପ୍ରଦାନ କରାଯାଇ ଆସୁଛି। ଶୁକ୍ରବାର ଅନୁଷ୍ଠିତ ଜିଲା ଅଧିବେଶନରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମୋହନ ଚରଣ ମାଝି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମଏସପି ଗ୍ରୁପର ଚେୟାରମ୍ୟାନ ଇଂ ଦେବବ୍ରତ ସ୍ୱାଇଁ, ରୋଟାରୀ କ୍ଲବର ସଭାପତି ବସନ୍ତ କୁମାର ଦାନି, ଆରଏସ୍ଏସ୍‌ର ପୂର୍ବ ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ସକ୍ଷମ ଅନୁଷ୍ଠାନ ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ଡକ୍ଟର ସୁକୁମାର କାରେ ଜୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସକ୍ଷମ ପକ୍ଷରୁ କରାଯାଉଥିବା କାର୍ଯ୍ୟ ଓ ଦିବ୍ୟାଙ୍ଗମାନଙ୍କ ଅଧିକାର ବିଷୟରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ ଆଗାମୀ ଦିନରେ କେନ୍ଦୁଝରରେ ୪ଟି ଦିବ୍ୟାଙ୍ଗ ସହାୟତା କେନ୍ଦ୍ର ଖୋଲାଯିବା ପାଇଁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଉପସଭାପତି ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ଜିଲା ସମ୍ପାଦକ ନିରଞ୍ଜନ ବେଜ, ରାଜ୍ୟ ଉପସଭାପତି ଚଣ୍ଡିପ୍ରସାଦ ପଟ୍ଟନାୟକ ସହଯୋଗ କରିଥିଲେ। ଜିଲା ଅଧିବେଶନରେ ପ୍ରୟାସ ଅନୁଷ୍ଠାନର ଦିବ୍ୟାଙ୍ଗ ଅନ୍ତେବାସୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ଅଧିବେଶନରେ ସକ୍ଷମ ପରିବାର ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ହରେକୃଷ୍ଣ ମହାନ୍ତି, ମାନସ ପଣ୍ଡା, ଅମୀୟ ସାମନ୍ତରାଏ, ବିଜୟ ବାରିକ, ପୁରୁଷୋତ୍ତମ ସାହୁ ଏବଂ ଦିବ୍ୟାଙ୍ଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜିଲାର ୬ଟି ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଥିଲା ଏହି ଜିଲା ଅଧିବେଶନରେ ଜିଲାର କୋଣ ଅନୁକୋଣରୁ ୭ଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଭଉଣୀଭାଇମାନେ ଯୋଗ ଦେଇଥିଲେ ।

## ମହିମା କ୍ରିକେଟ କପ୍ ଟୁର୍ନାମେଣ୍ଟ: ମଲ୍ଲୀପଶି ଚାମ୍ପିୟନ

ପାଟଣା, ୨୪।୧(ସ୍ୱ. ପ୍ର.)

ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ସିଲିଦା ଗ୍ରାମରେ ମହିମା କ୍ରିକେଟ କପ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମଲ୍ଲୀପଶି ଓ ଗୁଣ୍ଡୁରିପଶି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଲ୍ଲୀପଶି ଚାମ୍ପିୟନ ହୋଇଥିବାବେଳେ ଗୁଣ୍ଡୁରିପଶି ରନର୍ସ ଅପ ହୋଇଥିଲା। ଚାମ୍ପିୟନ ଦଳକୁ ୫୦୦୧ ଓ ରନର୍ସ ଅପ ଦଳକୁ ୩୦୦୧ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦେଇପଶି ସରପଞ୍ଚ ନିତ୍ୟାନନ୍ଦ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନନୀୟ ଅତିଥି ଭାବେ ଜିଲାପରିଷଦ ସଦସ୍ୟା ଡଲି ପାତ୍ର ଓ ରିତା ବାରିକ ଯୋଗ ଦେଇଥିଲେ।

## କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦିଆଯାଉଛି।

ଘସିପୁରା,୨୪।୧(ଡି.ଏନ.ଏ)

ଘସିପୁରା ବ୍ଲକ ଅନ୍ତର୍ଗତ ବାତୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୨ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସୌଭାଗ୍ୟଲକ୍ଷ୍ମୀ କରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଚିନ୍ତାଧାରାକୁ ପ୍ରକାଶ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ନୋଡ଼ାଲ ଅଫିସର ଡ. ପ୍ରେମଲତା ରାଉତ, କମିଟି ସଦସ୍ୟ ଅଧ୍ୟାପକ ନିହାର ରଞ୍ଜନ ଭୂୟାଁ, ହିମାଂଶୁ ଚରଣ ଓଝା, ଆଦିତ୍ୟ ଲୋକନାଥ ପରିଡ଼ା, ଅଧ୍ୟାପିକା ମନ୍ଦାକିନୀ ପଣ୍ଡା, ନିବେଦିତା ପଣ୍ଡା, କ୍ଷଣପ୍ରଭା ସାହୁ, ସୁକଲ୍ୟାଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ହନୁମତିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

# ତଳମୁଣ୍ଡକୁ ପାଣି ଆସୁନି, ଚାଷୀ ହନ୍ତସନ୍ତ

ତେଲକୋଇ, ୨୪।୧(ଡି.ଏନ.ଏ.)


ହନୁମତିଆ ଡ୍ୟାମରେ ପର୍ଯ୍ୟାପ୍ତ ପାଣି ରହିଥିବା ବେଳେ ଚାଷୀଙ୍କୁ ପାଣି ମିଳୁନି ।

ତେଲକୋଇ ବ୍ଲକ ଅନ୍ତର୍ଗତ ହନୁମତିଆ କ୍ଷୁଦ୍ର ଜଳ ସେଚନ (ଡିମିରିଆ)ପ୍ରକଳ୍ପରୁ ତଳ ମୁଣ୍ଡକୁ ଜଳ ଯୋଗାଣ ହୋଇପାରୁନାହିଁ । ଏଥିଯୋଗୁ ସୂର୍ଯ୍ୟମୁଖି, ଆଳୁଳ ମକା, ଶୋରିସ ଓ ଚିନାବାଦାମ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହା ମଧ୍ୟରେ ପାଣି ପମ୍ପ ଦ୍ୱାରା ଚାଷୀଙ୍କୁ ଆବଶ୍ୟକ ପାଣି ଯୋଗାଣ ପାଇଁ ପାଣିପକ୍ଷ କାର୍ଯ୍ୟକ୍ରମ କରାଯାଇଥିଲା। ତେବେ ରବି ଫସଲ ନଷ୍ଟ ହେଉଥିବା ନେଇ ଶୁକ୍ରବାର ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି କ୍ଷୁଦ୍ର ଜଳସେଚନ ମାଧ୍ୟମରେ ରବି ଫସଲ ପାଇଁ ଡିମିରିଆ ଜଟ ଓ ହାଲପୋଡି ଚାଷୀମାନଙ୍କର ଆବଶ୍ୟକ ଜଳସେଚନ କରା ନ ଗଲେ ରବି ଫସଲ ସମ୍ପୂର୍ଣ୍ଣ ଉଜୁଡି ଯିବା ନେଇ ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଛନ୍ତି। ପର୍ଯ୍ୟାପ୍ତ ପାଣି ହନୁମତିଆ ଜଳ ପ୍ରକଳ୍ପରେ ରହିଥିବା ସତ୍ତ୍ୱେ ଆବଶ୍ୟକ ପାଣି ଯୋଗାଣ ହୋଇପାରୁ ନ ଥିବା ହାଲପୋଡି ଗ୍ରାମର ଚାଷୀ ଡିଲେଶ୍ୱର କହିଛନ୍ତି। ସେହିପରି ଏହି ଜଳ ପ୍ରକଳ୍ପରୁ ୩ହଜାର ଚାଷୀ କ୍ଷତି ହେବା ଆଶଙ୍କା କରିଛନ୍ତି । ଏ ସମ୍ବନ୍ଧରେ ଜଳସେଚନ ବିଭାଗର ଏସ୍‌ଡିଓ ଡି. ସୁଧାକରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ସମ୍ପୃକ୍ତ ଚାଷୀଙ୍କ ରବି ଫସଲ ପାଇଁ ଜଳଯୋଗାଣ ହୋଇପାରିବ ।

## ଅଭିଭାବକ ସହଯୋଗ ପ୍ରଶିକ୍ଷଣ ଶିବିର

ହାଟଡିହୀ, ୨୪।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସିଦ୍ଧ ମରଚାଇ ବାଳିକା ବିଦ୍ୟାଳୟରେ ଅଭିଭାବକ ସହଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୪ଟି ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପାଢୀ ସଭାପତିତ୍ୱ କରିଥିଲେ। ସିଆର୍‌ସିସି ରବୀନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ହିମାଂଶୁ କୁମାର ପୃଷ୍ଟି ଓ ସନାତନ ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ କମିଟି ସଦସ୍ୟମାନେ ଶିକ୍ଷକମାନଙ୍କୁ ସହଯୋଗ କରି ଶିକ୍ଷାନୁଷ୍ଠାନର ସମୂହ ଉନ୍ନତି ପାଇଁ ଚେଷ୍ଟା କରିବାକୁ ଅତିଥି ପରାମର୍ଶ ଦେଇଥିଲେ। ପ୍ରସନ୍ନ କୁମାର ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସରସ୍ୱତୀ ରାଜ, ଗୀତାରାଣୀ ମହାନ୍ତି, ମନସ୍ମିତା ବେହେରା ଓ ସ୍ନେହଲତା ବିଶ୍ୱାଳ ଯୋଗ ଦେଇଥିଲେ। ସୁଲୋଚନ ପାଣିଗ୍ରାହୀ, ଶତ୍ରୁଘ୍ନ ରାଉତ, ନରୋତ୍ତମ ରାଉତ, ବିକ୍ରମ ବିଶ୍ୱାଳ, ପୁଷ୍ପଲତା ରାଉତ, ସୁଲୋଚନା ହାତୀ ଓ ସ୍ନିଗ୍ଧାରାଣୀ ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବାଲେଶ୍ୱର ୟୁ ଆଣ୍ଡ ମି ବିଜୟୀ

**ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ**



ଅତିଥିଙ୍କ ଦ୍ୱାରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ହାଟଡିହୀ, ୨୪।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଟୁକୁଣା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବିବେକାନନ୍ଦ ଖେଳପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡରମ୍ପାସ ସରପଞ୍ଚ କାବେରୀ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ୟୁ ଆଣ୍ଡ ମି ଓ କେନ୍ଦୁଝର ୟୁନିକ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୨୦ ଓଭର ମ୍ୟାଚ୍ ବିଶିଷ୍ଟ ଟୁର୍ନାମେଣ୍ଟରେ ୟୁନିକ କ୍ରିକେଟ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ କରିଥିଲା। ଜବାବରେ ୟୁ ଆଣ୍ଡ ମି ୧୫.୩ ଓଭରରେ ୪ ଉଇକେଟ ହରାଇ ୧୧୦ ରନ୍ କରି ବିଜୟୀ ହୋଇଥିଲା। ଟିମ୍‌ର ସୁକାନ୍ତ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଶାନ୍ତନୁ କୁମାର ରାଉତ ଓ ବିଜୟ କୁମାର ଜେନା ଅମ୍ପାୟାର ଥିଲେ। ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା ଓ ଭାଷ୍ୟକାର ସୁଧାଂଶୁ ଶେଖର ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ସମ୍ମାନିତ ଅତିଥି ଭାବେ ବଡରମ୍ପାସ ସମିତିସଭ୍ୟା ପ୍ରଭାତୀଲତା ସୂତାର ଓ ଆୟୋ ସରପଞ୍ଚ ରାମଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ଭଗବାନ ନାୟକ, ପୂର୍ଣ୍ଣଚନ୍ଦ୍ର ଶଙ୍ଖୁଆ, ଘନଶ୍ୟାମ ବେହେରା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସନ୍ଦୀପ ଧଳ, ଜ୍ୟୋତିରଞ୍ଜନ ଧଳ, ନବଘନ ନାୟକ, ସତ୍ୟବ୍ରତ ବିଶ୍ୱାଳ, ଅମରେଶ ଧଳ, ସୁଧାଂଶୁ ବିଶ୍ୱାଳ, ପ୍ରଦୀପ ସାହୁ, ପ୍ରଶାନ୍ତ ଜେନା ଓ ଲାଲୁ ଧଳ ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# କାମରେ ଲାଗୁନି ଏନଏସିର ଭେଣ୍ଡିଂ ଜୋନ୍

ଚମ୍ପୁଆ, ୨୪।୧(ଡି.ଏନ.ଏ)

ଚମ୍ପୁଆ ଏନଏସି ପକ୍ଷରୁ ସହର ସୌନ୍ଦର୍ଯ୍ୟକରଣ ଓ ଉଠା ବ୍ୟବସାୟୀଙ୍କୁ ଥଇଥାନ କରିବା ନିମନ୍ତେ ବର୍ଷେ ତଳେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନ୍ ଅଦ୍ୟାବଧି ଖୋଲି ପାରି ନାହିଁ। ଫଳରେ ଉଠା ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସୂଚନା ଅନୁସାରେ, ଚମ୍ପୁଆ-ଯୋଡ଼ା ରାସ୍ତାରେ ପ୍ରାୟ ୧୫ଟି ଭେଣ୍ଡିଂ ଜୋନ୍ ବ୍ୟବସାୟଙ୍କ ପାଇଁ ନିର୍ମିତ ହୋଇଥିଲା। ଏ ବାବଦକୁ ଆବେଦନ କରିଥିବା ବ୍ୟବସାୟୀଙ୍କ ମଧ୍ୟରେ ଲଟେରୀ ମାଧ୍ୟମରେ ୧୫ ଜଣଙ୍କୁ ଚୟନ କରାଯାଇ ଭେଣ୍ଡିଂ ଜୋନ୍ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦୋକାନ ଗୃହ ବାବଦକୁ ୪୦ ହଜାର ଟଙ୍କା ଲେଖାଏଁ ଅମାନତ ଅର୍ଥ ବ୍ୟାଙ୍କ ଡ୍ରାଫ ମାଧ୍ୟମରେ ଗ୍ରହଣ କରାଯାଇଥିଲା। ଦୋକାନୀମାନଙ୍କୁ ତୁରନ୍ତ ଗୃହ ପ୍ରଦାନ ପାଇଁ ଅନୁବନ୍ଧିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଉକ୍ତ ଭେଣ୍ଡିଂ ଜୋନ୍ ଆଗରେ କ୍ଷୁଦ୍ର ଜଳସେଚନ ବିଭାଗର କେନାଲ ଯାଇଥିବା ତଥା ତାହା ଭଗ୍ନ ଅବସ୍ଥାରେ ପଡି ରହିଥିବାରୁ ଦୋକାନୀମାନେ ତାହା ତୁରନ୍ତ ମରାମତି କରାଗଲେ ଅନୁବନ୍ଧିତ କରାଯିବ ବୋଲି ଦାବି କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଉକ୍ତ କେନାଲ ମରାମତି ନ ହେବାରୁ ଦୋକାନୀମାନେ ଅନୁବନ୍ଧିତ କରିବାକୁ ରାଜି ହେଉ ନ ଥିବା ଜଣାପଡ଼ିଛି। ପ୍ରଶ୍ନ ଉଠେ ଦୀର୍ଘ ଏକ ବର୍ଷ ହେବ ଭେଣ୍ଡିଂ ଜୋନ୍ ନିର୍ମାଣ ପରେ ମଧ୍ୟ ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ଅନ୍ୟପକ୍ଷେ ଦୋକାନୀମାନେ ଦୋକାନ ଖୋଲି ନ ପାରିବାରୁ ତାଙ୍କୁ ପରିବାର ପ୍ରତିପୋଷଣର ଚିନ୍ତା ଘାରି ଥିବା ଜଣାଯାଇଛି। ଏ ନେଇ ଭାରପ୍ରାପ୍ତ ଏନଏସି ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀଙ୍କୁ ପଚାରିବାରୁ ଉକ୍ତ କେନାଲ ପାଇଁ ଦୋକାନ ଗୁଡିକ ଖୋଲାଯାଇ ପାରୁ ନାହିଁ। ଏଦେଇ ଫଣ୍ଡ ନ ଥିବାରୁ ଆମ୍ଭେ ଏହାର ମରାମତି କରିପାରୁ ନ ଥିଲୁ। ମାତ୍ର ଏବେ ଫଣ୍ଡ ଆସି ଯାଇଥିବାରୁ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେଇ କେନାଲ ନିର୍ମାଣ ସହିତ ଦୋକାନୀଙ୍କୁ ଗୃହ ଯୋଗାଇ ଦିଆଯିବନ୍ ବୋଲି କହିଛନ୍ତି।


ବନ୍ଦ ହୋଇ ପଡିଥିବା ଭେଣ୍ଡିଂ ଜୋନ୍ ।

# ବୁଣାକାରଙ୍କ ମହାଭିଯୋଗ ସମାବେଶ

ଆନନ୍ଦପୁର, ୨୪।୧(ସ୍ୱ.ପ୍ର.)


ସମାବେଶରେ ଯୋଗ ଦେଇଥିବା ବୁଣାକାରମାନେ।

ଆନନ୍ଦପୁର ପୌରପରିଷଦ ଫକୀରପୁରର ସପ୍ତାବଜାରଠାରେ ବୁଣାକାରମାନଙ୍କ ମହାଭିଯୋଗ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଫକୀରପୁରରେ କାର୍ଯ୍ୟ କରୁଥିବା ସମସ୍ତ ତନ୍ତବାୟ ସମିତିକୁ ଆସୁଥିବା ସରକାରୀ ଅନୁଦାନର ବାଟମାରଣା ଓ ଦୁର୍ନୀତିର ତଦନ୍ତ, ସମସ୍ତ ବୁଣାକାର ସୋସାଇଟିରେ ନୂତନ ସଦସ୍ୟତା ଗ୍ରହଣ କରାଯାଇ ଏହାକୁ ନବୀକରଣ କରିବା, ସମ୍ପାଦକ ଏବଂ ବୋର୍ଡ ସଦସ୍ୟ ନିର୍ବାଚନ ସମୟରେ ସାଦା କାଗଜରେ ଦସ୍ତଖତ କରା ନ ଯାଇ ଏହାକୁ ନିରପେକ୍ଷ ଭାବେ ନିର୍ବାଚନ କରିବା, ସମସ୍ତ ବୁଣାକାରଙ୍କୁ ସମାନ ଭାବେ ସରକାରୀ ପ୍ରୋତ୍ସାହନ ମିଳିବା, ସେମାନଙ୍କୁ ବୀମାଭୁକ୍ତ ଲାଗି ଆଦାୟ କରାଯାଉଥିବା ଅର୍ଥର ସୁବିନିଯୋଗ ଓ ସରକାରୀ ଅନୁଦାନକୁ ସମସ୍ତ ବୁଣାକାରଙ୍କ ନିକଟରେ ଠିକ୍ ଭାବେ ଉପସ୍ଥାପନ କରାଯିବା ଆଦି ସମ୍ପର୍କରେ କୁହାଯାଇଥିଲା। ଯୁବ ବୁଣାକାର ପୀତବାସ ଦାସଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବହୁସଂଖ୍ୟକ ବୁଣାକାର ଯୋଗଦେଇ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ବରିଷ୍ଠ ବୁଣାକାର ଆକୁଳି ସୁର, ଉତ୍ତମ କୁମାର ଦତ୍ତ, ବଳରାମ ଷେଣ୍ଡ, ଗୋପାଳ ଦାସ, ମାର୍କଣ୍ଡ ଗୁଇଁ, ପ୍ରସନ୍ନ କୁମାର ଦାସ, ମାଧବୀଲତା ଗୁଇଁ, ଗୋବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ବୁଣାକାରମାନଙ୍କ ପୂର୍ବଗରିମା ସମ୍ପର୍କରେ ଆଲୋଚନା କରିବା ସହିତ ବର୍ତ୍ତମାନର ସ୍ଥିତି ବିଷୟରେ କହିଥିଲେ। ତେବେ ଯୁବ ବୁଣାକାରମାନଙ୍କ ଉଦ୍ୟମରେ ଫକୀରପୁର ବୁଣାକାରଙ୍କ ପୂର୍ବ ଗରିମା ଫେରିବା ସମ୍ଭବ ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।